

"କ୍ଳାନ୍ତି ପରେ ବିଶ୍ରାମ ଯେଉଁ ଆନନ୍ଦ ଦିଏ, କୌଣସି ପ୍ରକାର ବିଳାସ ସେହି ପରେ ଆନନ୍ଦ ଦେଇପାରିବ ନାହିଁ।
- ନେପୋଲିୟନ



## ଆଜି କ'ଣ କେଉଁଠି

- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି। ସ୍ଥାନ-ବ୍ୟାସନଗର ପୌର ପରିଷଦ ସଭାଗୃହ। ସମୟ-ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ଯାଜପୁର ଜିଲା ବନ୍ଦ। ସ୍ଥାନ-ଯାଜପୁର ଜିଲା ଅଞ୍ଚଳ। ସମୟ-ସକାଳ ୬ ରୁ ସନ୍ଧ୍ୟା ୬ଟା।

### ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ସିବିଆଇ ତଦନ୍ତ ଦାବିରେ ଆଜି ଜିଲା ବନ୍ଦ

ଯାଜପୁର ଅଫିସ,୨୦।୧୦

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି କରିଛି ଭାଜପା। ଏଥିପାଇଁ ସମଗ୍ର ଜିଲାରେ ଭାଜପା ପକ୍ଷରୁ ସୋମବାର ବନ୍ଦ ଡାକରା ଦିଆଯାଇଛି। ଜିଲାର ସମସ୍ତ ୭ ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀମାନେ ଏହାର ନେତୃତ୍ୱ ନେଉଛନ୍ତି। ବନ୍ଦ ସଫଳ କରିବାକୁ ଜୋରସୋର ପ୍ରସ୍ତୁତି ଚାଲିଛି। ବ୍ୟାନର, ପାମ୍ଫ୍ଲେଟ, ମାଇକ୍ ଯୋଗେ ପ୍ରଚାର କାର୍ଯ୍ୟ ହେଉଛି। ଜଣେ କର୍ତ୍ତବ୍ୟରତ ସରକାରୀ ମହିଳା ପିଇଓଙ୍କୁ ଜୀବିତ ଅବସ୍ଥାରେ ନ୍ୟାୟ ମିଳିଲାନି। ମୃତ୍ୟୁ ପରେ ବି ତାଙ୍କ ଚରିତ୍ରକୁ ଲାଞ୍ଛିତ କରାଗଲା। ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇପାରି ନାହିଁ। ଘଟଣାର ତଦନ୍ତ କରି ପୋଲିସର ବୟାନକୁ ସ୍ମିତାରାଣୀଙ୍କ ପରିବାରବର୍ଗ, ସାଧାରଣ ଲୋକେ କେହି ଗ୍ରହଣ କରୁନାହାନ୍ତି। ରାଜ୍ୟରେ ପୁଣି ଜଣେ ମହିଳା ଅଧିକାରୀ ମୃତ୍ୟୁ ପରେ ବି ନ୍ୟାୟ ପାଇଲେ ନାହିଁ। ତେଣୁ ଏହି ଘଟଣାର ସିବିଆଇ ତଦନ୍ତ କରାଗଲେ ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ଭାଜପା କହିଛି।

ଜିଲାରେ ଗାଡି ଚଳାଚଳ, ସମସ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଶିଳ୍ପାନୁଷ୍ଠାନ ଆଦି ବନ୍ଦ କରିବାକୁ ଭାଜପା ପକ୍ଷରୁ ଆହ୍ୱାନ ଦିଆଯାଇଛି। ଯାଜପୁର ଜିଲାର ସୀମାନ୍ତ ଛତିଆଠାରୁ ପାଣିକୋଇଲି ଷଠିପୁର, ଯାଜପୁର ଟାଉନ, ବିଞ୍ଝାରପୁର, ବରୀ, ସୁକିନ୍ଦା ଓ ରଗଡି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ପାଳନ ହେବ। ଏଥିପାଇଁ କୋରେଇ ନିର୍ବାଚନମଣ୍ଡଳୀର ବିଶ୍ୱଜିତ ନାୟକ, ସୁକିନ୍ଦା ନିର୍ବାଚନମଣ୍ଡଳୀର ପ୍ରଦୀପ ବଳ ସାମନ୍ତ(ଟୁଟୁ), ଧର୍ମଶାଳା ନିର୍ବାଚନମଣ୍ଡଳୀର ରମେଶ ପରିଡା ଓ ସର୍ବେଶ୍ୱର ବେହୁରା, ବଡଚଣା ନିର୍ବାଚନମଣ୍ଡଳୀର ଅମର ନାୟକ, ବରୀ ନିର୍ବାଚନମଣ୍ଡଳୀର ବିଶ୍ୱରଞ୍ଜନ ମଲ୍ଲିକ ଓ ଯାଜପୁର ନିର୍ବାଚନମଣ୍ଡଳୀର ଗୌତମ ରାୟ ଓ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ଅମୀୟ ମଲ୍ଲିକ ଓ ବବିତା ମଲ୍ଲିକ ନେତୃତ୍ୱ ନେଉଛନ୍ତି। ଏଥିପାଇଁ ରବିବାର ନିର୍ବାଚନମଣ୍ଡଳୀସ୍ତରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।



ଭାଜପା ପକ୍ଷରୁ ବନ୍ଦ ପାଳନ ପାଇଁ ପ୍ରସ୍ତୁତି ବୈଠକ।

- ଭାଜପା ପକ୍ଷରୁ ପ୍ରସ୍ତୁତି ଜୋରଦାର
- ୭ ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ନେବେ ନେତୃତ୍ୱ

ଗତ ୧୬ ତାରିଖ ବୁଧବାର ଅପରାହ୍ନରେ ପିଇଓ ସ୍ମିତାରାଣୀ ପଞ୍ଚାୟତର ଚାରବାଟିଆ ଓ ସୁଭଦ୍ରାପୁର ଗ୍ରାମରେ ଭତ୍ତା ବଣ୍ଟନ କରି ଫେରିଥିଲେ। ମଧ୍ୟାହ୍ନଭୋଜନ ନିମନ୍ତେ ସ୍ମିତା ନିଜ ଘରକୁ ନ ଯାଇ ପଞ୍ଚାୟତ କାର୍ଯ୍ୟାଳୟଠାରୁ ୫୦୦ ମିଟର ଦୂରତାରେ ଥିବା ସରପଞ୍ଚଙ୍କ ସ୍ୱାମୀ ରୂପେଶଙ୍କ ଗେଷ୍ଟହାଉସକୁ ଯାଇଥିଲେ। ସେଠାରେ ଗେଷ୍ଟହାଉସର ଉପର ମହଲାରେ କିଛି ସମୟ ପରେ ସ୍ମିତାରାଣୀଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ଧର୍ମଶାଳା ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଡାକ୍ତର ସେଠାରେ ସ୍ମିତାଙ୍କୁ ମୃତ ଘୋଷଣା କରିଥିଲେ। ସରକାରୀ ଦାୟିତ୍ୱରେ ଥିବା ସ୍ମିତାଙ୍କ ଆତ୍ମହତ୍ୟା ଖବର ପ୍ରଚାରିତ ହେବା ପରେ ଜିଲାରେ ବିଭିନ୍ନ ପ୍ରକାର ଆଲୋଚନା ହୋଇଥିଲା। ଏହି ଘଟଣା ଉପରେ ପୋଲିସ ତଦନ୍ତ କରି ସ୍ମିତାରାଣୀ ଆତ୍ମହତ୍ୟା କରିଥିଲେ ଏବଂ ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କ ସହ ତାଙ୍କର ମଧୁର ସମ୍ପର୍କ ଥିଲା ବୋଲି ଶନିବାର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ପୋଲିସର ଏହି ବୟାନକୁ ଭାଜପା, କଂଗ୍ରେସ ସମେତ ସାଧାରଣ ଲୋକେ, ସ୍ମିତାଙ୍କ ପରିବାରବର୍ଗ କେହି ସହଜରେ ଗ୍ରହଣ କରି ପାରିନାହାନ୍ତି। ଏହାକୁ କଂଗ୍ରେସ ଓ ଭାଜପା ପକ୍ଷରୁ ଦୃଢ ନିନ୍ଦା କରିବା ସହିତ ପୋଲିସ ସରକାରଙ୍କ ଭାଷା କହୁଛି ଏବଂ ଅଭିଯୁକ୍ତଙ୍କୁ ସୁରକ୍ଷା ଯୋଗାଇ ଦେଉଛି ବୋଲି ଅଭିଯୋଗ କରିଛନ୍ତି। ଏହାବାଦ ଯେଉଁ କାରରେ ସ୍ମିତା ଭତ୍ତା ବାଣ୍ଟିବାକୁ ଯାଇ ଫେରି ଗେଷ୍ଟହାଉସକୁ ଯାଇଥିଲେ ସେହି କାର ସମ୍ପର୍କରେ ପୋଲିସ କୌଣସି ଖୋଳତାଡ଼ କରିନାହିଁ। ଗେଷ୍ଟ ହାଉସରେ ଏକ ସିମେଣ୍ଟ କମ୍ପାନୀର ଜଣେ ଅଧିକାରୀଙ୍କ ସମେତ ଅନ୍ୟ ୪ଜଣଙ୍କୁ କାହିଁକି ଛାଡି ଦିଆଗଲା ଏବଂ ସିସିଟିଭି ଫୁଟେଜ ଓ ଅନ୍ୟାନ୍ୟ ପ୍ରମାଣ ନଷ୍ଟ କରାଯାଇଛି ବୋଲି ଭାଜପା ଓ କଂଗ୍ରେସ ଅଭିଯୋଗ ଆଣିଛି। ରାଜ୍ୟ ସରକାର ସଂପ୍ରତି ୫-ଟି ଆଇନକୁ କାର୍ଯ୍ୟକାରୀ କରୁଥିବାବେଳେ ଜଣେ କର୍ତ୍ତବ୍ୟରତ ମହିଳା ସରକାରୀ କର୍ମଚାରୀଙ୍କ ମୃତ୍ୟୁ ଉପରେ ସରକାର କାହିଁକି ନୀରବ ରହିଛି ବୋଲି ବିରୋଧି ପ୍ରଶ୍ନ କରିଛନ୍ତି। ଏହା ବିରୋଧରେ ପୁଞ୍ଜିଭୂତ ଜନଅସନ୍ତୋଷ ଉଗ୍ରରୂପ ନେଉଛି ଏବଂ ତାହା ସୋମବାର ବନ୍ଦ ପାଳନରେ ପରିପ୍ରକାଶ ହେବ ବୋଲି ଭାଜପା ସଭାପତି ଗୌତମ ରାୟ ମତପ୍ରକାଶ କରିଛନ୍ତି।

## ବିରଜା ଜ୍ୟୋତି ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

ଯାଜପୁର ଟାଉନ,୨୦।୧୦(ଡିଏନଏ)

ଯାଜପୁରରୁ ପ୍ରକାଶ ପାଉଥିବା ବିରଜା ଜ୍ୟୋତିର ବାର୍ଷିକ ଉତ୍ସବ ଆସନ୍ତା ନଭେମ୍ବର ୧ ତାରିଖ ୧୦ଟାବେଳେ ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ ବୋଲି ରବିବାର ଏକ ପ୍ରସ୍ତୁତି କମିଟି ବୈଠକରେ ସିଦ୍ଧାନ୍ତ ନିଆଯାଇଛି। ଅନୁଷ୍ଠାନ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ପଣ୍ଡିତ ଜ୍ଞାନରଞ୍ଜନ ପତି, ସଦସ୍ୟ ଆନନ୍ଦ ଚନ୍ଦ୍ର ସାହୁ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ପାଣ୍ଡବ ଚରଣ ସାହୁ, ପଣ୍ଡିତ ଗଦାଧର କୁଣ୍ଡୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେବା ସହିତ ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିରଜା ସଂସ୍କୃତିକୁ ପ୍ରଚାରପ୍ରସାର ନିମନ୍ତେ ଜିଲାପାଳ ୨୦ରୁ ଊର୍ଦ୍ଧ୍ୱ କ୍ୟାସେଟ୍ ପ୍ରସ୍ତୁତ କରି ବିରଜା ମହିମାକୁ ଆଗକୁ ନେଇଥିବା ନେଇ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ବୈଠକରେ ସିଦ୍ଧାନ୍ତ ନିଆଯାଇଥିଲା।

## ତହସିଲଦାର ଚଢୁଛନ୍ତି ଘରୋଇ ଗାଡ଼ି





ଯାଜପୁର ଟାଉନ,୨୦।୧୦(ଡିଏନଏ): କୌଣସି ପରିସ୍ଥିତିରେ ବି ଘରୋଇ ନମ୍ବର ଥିବା ଗାଡି ସରକାରୀ ଅଧିକାରୀ ବ୍ୟବହାର କରିପାରିବେ ନାହିଁ ବୋଲି କଡ଼ା ନିୟମ ରହିଥିବାବେଳେ ମାଜିଷ୍ଟ୍ରେଟ ଦାୟିତ୍ୱ ତୁଲାଇ ଆସୁଥିବା ଖୋଦ୍ ଯାଜପୁର ତହସିଲଦାର ଏହି ନିୟମ ଭଙ୍ଗ କରିଛନ୍ତି। ପୁରୁଣା ଜିପ୍‌ଟି ଚଳାଚଳ ଅନୁପଯୋଗୀ ହେବାରୁ ସରକାରଙ୍କ ନିୟମ ଆଧାରରେ ଟ୍ୟାକ୍ସି ନମ୍ବର ଥିବା ଭଡ଼ା ଗାଡି ସମ୍ପୃକ୍ତ ଅଧିକାରୀ ବା ତହସିଲଦାର ବ୍ୟବହାର କରିବା କଥା। ମାତ୍ର ତହସିଲଦାର ସୁନୀଲ କୁମାର ମେହେର ଓଡି୦୨-ବିଡି-୯୭୬୯ ନମ୍ବର ବିଶିଷ୍ଟ ଏକ ବୋଲେରୋ ବ୍ୟବହାର କରୁଛନ୍ତି। ଗାଡିର ମାଲିକ ଉମେଶ ଚନ୍ଦ୍ର ନାୟକ ବୋଲି ଜଣାପଡିଥିବାବେଳେ ପ୍ରକୃତରେ ତାହା ଜଣେ କର୍ମଚାରୀଙ୍କ ସମ୍ପର୍କୀୟଙ୍କ ଗାଡି ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ତହସିଲଦାର ମେହେରଙ୍କୁ ପଚାରିବାରେ, ବୋଲେରୋଟି ବେସରକାରୀ ହୋଇଥିଲେ ବି ତାହାକୁ ଗାଡ଼ି ମାଲିକ ଟ୍ୟାକ୍ସି ପରମିଟକୁ ପରିବର୍ତ୍ତନ କରିବା ପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି। ତେବେ ବଜାରରେ ଅନେକ ଟ୍ୟାକ୍ସି ପରମିଟ ଥିବା ବୋଲେରୋ ବା ସମାନ ସୁବିଧାର ଗାଡ଼ି ସବୁ ଉପଲବ୍ଧ ହେଉଥିଲେ ମଧ୍ୟ ତହସିଲଦାର କେଉଁଥି ପାଇଁ ଏଭଳି ନିୟମ ଭଙ୍ଗ କରିବାକୁ ଆଗେଇ ଆସିଲେ ସେ ନେଇ ପ୍ରଶ୍ନ ଉଠିଛି। ଘଟଣାର ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

## ସାପ କାମୁଡ଼ାରେ ଦୃଷ୍ଟିହୀନ ଗର୍ଭବତୀଙ୍କ ମୃତ୍ୟୁ

ଯାଜପୁର ଟାଉନ,୨୦।୧୦(ଡିଏନଏ): ସାପ କାମୁଡ଼ାରେ ଜଣେ ଦୃଷ୍ଟିହୀନ ଗର୍ଭବତୀ ମହିଳାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ହେଲେ ଯାଜପୁର ଜିଲାର ମଙ୍ଗଳପୁର ଥାନା ଛାନ୍ଦକୁଡା ଗାଁର ଭାଗିରଥୀ ଦାସଙ୍କ ଝିଅ ମାନସୀ। ସେ ଶନିବାର ରାତିରେ ଘରେ ଶୋଇଥିବାବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ତୁରନ୍ତ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ସମସ୍ତ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାନସୀ ଜନ୍ମରୁ ଦୃଷ୍ଟିହୀନ ଥିଲେ। ସେ ଦଶରଥପୁର ଜୟନ୍ତରା ପଞ୍ଚାୟତର ଜୁନିନ୍ଦା ଗାଁର ରାଜ କିଶୋରଙ୍କୁ ବିବାହ କରିଥିଲେ। ସେ ଗର୍ଭବତୀ ଥିବାରୁ ତାଙ୍କ ବାପ ଘରେ ରହୁଥିଲେ। ପୋଲିସ ଏ ସମ୍ପର୍କରେ ତଦନ୍ତ ଚାଲୁ ରଖି ଏକ ଅପମୃତ୍ୟୁ ମାମଲା ରୁଜୁ କରି ମାନସୀଙ୍କ ମୃତଦେହ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

## କାଳୀ ପୂଜା ପାଇଁ ଯାଜପୁର ପୋଲିସର ପ୍ରସ୍ତୁତି

ଯାଜପୁର ଟାଉନ,୨୦।୧୦(ଡିଏନଏ): ଯାଜପୁରର ଗଣପର୍ବ କାଳୀ ପୂଜା ପାଇଁ ଯାଜପୁର ପୋଲିସ ପକ୍ଷରୁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯାଜପୁର ଥାନାଧିକାରୀ ଆଶିଷ କୁମାର ସାହୁ , ତହସିଲଦାର ସୁନୀଲ କୁମାର ମେହେର, ସବ୍‌ଇନ୍ସପେକ୍ଟର ମାନସ ରଞ୍ଜନ ଚକ୍ର ପ୍ରମୁଖ ଯୋଗଦେଇ କାଳୀପୂଜାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ପାଇଁ ଅନୁରୋଧ କରିଥିଲେ। ଭସାଣି ଉତ୍ସବ ନଭେମ୍ବର ୨ ଓ ୩କୁ ନିର୍ଦ୍ଧାରିତ କରାଯାଇଥିବାବେଳେ ସହରରେ ହୋଇଥିବା ୬୦ଟି ମେଢ଼ ସେମାନଙ୍କ ସମୟାନୁସାରେ ଦେବୀଗଡ଼ା ଘାଟଠାରେ ବିସର୍ଜନ କରାଯିବା ପାଇଁ ସ୍ଥିର କରାଯାଇଛି। କାଳୀପୂଜାକୁ ୬ଦିନ ଧରି ସହରବାସୀ ପାଳନ କରୁଥିବାରୁ ଏହାକୁ ପ୍ଲାଷ୍ଟିକ ଓ ମଦମୁକ୍ତ କରିବା ପାଇଁ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି। ୨ଦିନ ଭାସାଣି ପାଇଁ ସମୟ ସ୍ଥିର କରାଯିବା ସହ ପ୍ରତ୍ୟେକ ମେଢ଼ ସେମାନଙ୍କ ଅନୁମତି ପୂର୍ବରୁ ନେବାକୁ ଅନୁରୋଧ କରାଯାଇଛି। ପୂଜା ସମୟରେ ସହରର ବିଭିନ୍ନ ରାସ୍ତାକୁ ୱାନ୍-ୱେ ଭାବେ ପ୍ରଚଳିତ କରିବା ପାଇଁ ସ୍ଥିର କରାଯାଇଛି। ଏହି ବୈଠକରେ ସହରର ସମସ୍ତ ପୂଜା କମିଟି ସଭାପତି, ସମ୍ପାଦକ ଓ ଶାନ୍ତି କମିଟିର ସଭ୍ୟ ଉପସ୍ଥିତ ଥିଲେ।

## ୩ଶହ ପ୍ରତିଯୋଗୀ ଆଙ୍କିଲେ ଚିତ୍ର

ଯାଜପୁର ଟାଉନ,୨୦।୧୦(ଡିଏନଏ)

ଯାଜପୁରସ୍ଥିତ ତ୍ରିଲୋଚନେଶ୍ୱର ମନ୍ଦିର ପରିସରରେ ରବିବାର ରାମକୃଷ୍ଣ ଆର୍ଟ ଅଫ୍ ଆସୋସିଏଶନ୍ ପକ୍ଷରୁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୬ଟି ବିଦ୍ୟାଳୟର ୩ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଅନୁଷ୍ଠାନ ପକ୍ଷରୁ ଦେବବ୍ରତ ଜେନା, ପ୍ରଦୀପ କୁମାର ସାହୁ, ତପନ ମହାନ୍ତି ପ୍ରମୁଖ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ଆୟୋଜିତ ଉତ୍ସବରେ ପୂର୍ବତନ ପୌରପାଳ ଭବପ୍ରସାଦ ଦାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଖବରଦାତା ଆନନ୍ଦ ଚନ୍ଦ୍ର ସାହୁ, ସମରଜିତ୍ ମହାନ୍ତି, ସଞ୍ଜୀବ ନାୟକ, ପାର୍ଥ ସାରଥି ରାୟ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହିତ ମାର୍ଗଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ଜୁନିୟର ବିଭାଗରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ସାଇଅର୍ପିତା ମହାପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବିରଜା ହାଇସ୍କୁଲର ଛାତ୍ର ପ୍ରଦ୍ୟୁମ୍ନ କୁମାର ଦୀକ୍ଷିତ ଦ୍ୱିତୀୟ, ଡ଼ିଏଭି ସ୍କୁଲର ଛାତ୍ରୀ ଇସିତା ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସବ୍ ଜୁନିୟର ବିଭାଗରେ ଆପେକ୍ସ ଇଂଲିଶ ମିଡ଼ିୟମ୍ ସ୍କୁଲର ସାନଭୀ ରାଉତ ପ୍ରଥମ ଓ ଅଲିପ୍ସା ସାମଲ ଦ୍ୱିତୀୟ, ଗ୍ରୀନ ଅକ୍ସଫୋର୍ଡ଼ ଛାତ୍ରୀ ସ୍ୱସ୍ତିକଶେଖର ସାହୁ ତୃତୀୟ, ସିନିୟର ବିଭାଗରେ ଆପେକ୍ସ ଇଂଲିଶ ମାଧ୍ୟମ ସ୍କୁଲ ହରଜ୍ୟୋତି ପରିଡ଼ା ପ୍ରଥମ, ଜେଏନ୍‌ଭି ପାଣିକୋଇଲି ସ୍କୁଲ ଛାତ୍ରୀ ସ୍ଥିତିପ୍ରଜ୍ଞା ଜେନା ଦ୍ୱିତୀୟ, ସନ୍ ପବ୍ଲିକ୍ ସ୍କୁଲର ମିସ୍‌କିନ୍ ସେଠ୍ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ଦେବବ୍ରତ ଜେନା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।



ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇଥିବା କୁନିକୁନି ପିଲାମାନେ।

**ଚିତ୍ରାଙ୍କନ ପ୍ରତିଯୋଗିତା**

## ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍

ଯାଜପୁର ଟାଉନ,୨୦।୧୦(ଡିଏନଏ)

ସ୍ପଷ୍ଟ ଦିବାଲୋକରେ ମହିଳାଙ୍କ ବେକରୁ ସୁନା ଚେନ ଲୁଟିନେଇ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏହି ଘଟଣାଟି ରବିବାର ପୂର୍ବାହ୍ନରେ ଘଟିଛି। ଯାଜପୁରସ୍ଥିତ ଗରିଆପୁର ପ୍ରାଥମିକ ସ୍କୁଲ ନିକଟରୁ ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟିନେଇ ଦୁର୍ବୃତ୍ତ ଫେରାର ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଲୁଟର ଶିକାର ହୋଇଥିବା ମହିଳା ଜଣକ ହେଲେ ଯାଜପୁର ଥାନା ଅଧୀନ ବାମଦେବପୁର ଅଞ୍ଚଳର ପୁଷ୍ପାରାଣୀ ସ୍ୱାଇଁ। ପୁଷ୍ପାରାଣୀ ତାଙ୍କ ଝିଆରୀଙ୍କ ସହିତ ମାର୍କେଟିଂ କରିବାକୁ ଆସିଥିବା ସମୟରେ ଗରିଆପୁର ନିକଟରେ ଲୁଟର ଶିକାର ହୋଇଥିଲେ। ଦୁର୍ବୃତ୍ତମାନେ ବାଇକରେ ଆସି ପଛପଟୁ ତାଙ୍କ ବେକରୁ ସୁନା ଚେନ ଲୁଟିନେଇ ଫେରାର ହୋଇଯାଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ହେଁ ଲୁଟେରାଙ୍କର କୌଣସି ପତ୍ତା ମିଳିନାହିଁ। ଘଟଣା ସମ୍ପର୍କରେ ପୁଷ୍ପାରାଣୀ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।

## 'ପୁନଶ୍ଚ ନର୍କ-୨'ର ଶୁଭ ମହୁରତ୍

ଯାଜପୁର ଟାଉନ,୨୦।୧୦(ଡିଏନଏ)

ଯାଜପୁର ଆଇନ୍‌ଜୀବୀଙ୍କ ପକ୍ଷରୁ ଲୟର୍ସ କଲ୍‌ଚରାଲ ଆସୋସିଏଶନ୍ ନାମକ ଏକ ସାଂସ୍କୃତିକ ସଂଗଠନ ଗଠନ କରାଯାଇଛି। ଏହି ଆସୋସିଏଶନ୍ ପକ୍ଷରୁ ଆସନ୍ତା ନଭେମ୍ବର ୨୪ରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଏକ ନାଟକ ମଞ୍ଚସ୍ଥ କରାଯିବ। ଏହି ନାଟକର ନାମ 'ପୁନଶ୍ଚ ନର୍କ-୨' ହୋଇଥିବାବେଳେ ରବିବାର ଲୟର୍ସ କଲ୍‌ଚରାଲ ଆସୋସିଏଶନ୍ ପରିସରରେ ଏକ ଶୁଭ ମହୁରତ ଅନୁଷ୍ଠିତ ହୋଇଯାଇଛି। ସଭାପତି ଆଇନଜୀବୀ ପ୍ରତାପ କୁମାର ରାୟ, ସମ୍ପାଦକ ଦୀପ୍ତିରଞ୍ଜନ ମହାନ୍ତି, ଅଶୋକ କୁମାର ଦାସ, ଜୟଦୀପ ମିଶ୍ର, ରାଜୀବ ମହାନ୍ତି, ପାର୍ଥସାରଥି ରାୟ, ଦିଲୀପ ଦାସ, ପ୍ରବୀର କୁମାର ରାୟ, କୁମାର କିଶୋରୀ ନାୟକ, ଆଲୋକ କୁମାର ପାଣି, ଅନନ୍ତ ବାସୁଦେବ ମିଶ୍ର, ସିତାଂଶୁ ମହାନ୍ତି, ଭରତ ଚନ୍ଦ୍ର ପରିଡା, ଅଜୟ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।





ଶୁଭ ମହୁରତ୍ ଅବସରରେ ଉପସ୍ଥିତ ଆଇନଜୀବୀ।

### ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ମାମଲା

# ଜେଲ୍‌ରେ ଅଭିଯୁକ୍ତ, ବିବାଦରେ ପୋଲିସ



ରସୁଲପୁର,୨୦।୧୦(ଡିଏନଏ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ପିଇଓ ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାରେ ପୋଲିସ ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟଚାଲାଣ କରିବା ପରେ ବିବାଦରେ ଫସି ଯାଇଛି ଖୋଦ୍ ପୋଲିସ। ଏହି ଘଟଣାର ବହୁ ଘଣ୍ଟା ଚକଟା ପରେ ଶନିବାର ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ର ଓରଫ ନାଣ୍ଟୁଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଯାଇ ପୋଲିସ କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତ ରୂପେଶ ପିଇଓ ସ୍ମିତାରାଣୀଙ୍କ ମଧ୍ୟରେ ପୂର୍ବରୁ ସମ୍ପର୍କ ଥିଲା। ସ୍ମିତାରାଣୀଙ୍କୁ ହତ୍ୟା ନୁହେଁ ବରଂ ସେ ଆତ୍ମହତ୍ୟା କରିଛନ୍ତି, ଆଉ ଏଥିପାଇଁ ରୂପେଶ ପ୍ରବର୍ତ୍ତାଇଥିବାରୁ ତାଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି ଚରଣ ସିଂ ମୀନା ଧର୍ମଶାଳା ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ମାତ୍ର ଗଣମାଧ୍ୟମ ପକ୍ଷରୁ ଫଟୋ ନେବାବେଳେ ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ମୁହଁ ଲୁଚାଇ ଦିଆଯାଇଥିଲା। ଏହାକୁ ନେଇ ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ସଂଗଠନ ଓ ବିରୋଧୀଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବରୁ ଅଭିଯୁକ୍ତ ତାଲିକାରେ ଥିବା ବହୁ ପ୍ରଭାବଶାଳୀ ବ୍ୟବସାୟୀ, ରାଜନେତା, ଧର୍ମଗୁରୁଙ୍କୁ କୋର୍ଟ ଚାଲାଣବେଳେ ପୋଲିସ ସେମାନଙ୍କ ମୁହଁ ଲୁଚାଇ ନ ଥିବାବେଳେ ଏହି ମାମଲାରେ ଅଭିଯୁକ୍ତର ମୁହଁ ଲୁଚାଇବାକୁ ପ୍ରୟାସ କରି ପୋଲିସ ଆଉ ଏକ ବିବାଦ ନିଜ ଆଡ଼କୁ ଟାଣିଥିବା କୁହାଯାଉଛି।



## ତଥ୍ୟ ପ୍ରଘଟ କରୁ ନ ଥିବାରୁ ସନ୍ଦେହରେ ପୋଲିସର କାର୍ଯ୍ୟ

ଏହି ମାମଲାରେ ପୋଲିସ ରୂପେଶଙ୍କୁ ଅଭିଯୁକ୍ତ ଦର୍ଶାଇ କୋର୍ଟଚାଲାଣ କରିଥିବାବେଳେ ଅଟକ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଛାଡ଼ି ଦେଇଛି। ତେବେ କେଉଁ ତଥ୍ୟ ପୋଲିସ ହାତରେ ଲାଗିଛି ତାହା ପ୍ରଘଟ ହୋଇଗଲେ ଘଟଣାର ପ୍ରକୃତ ରହସ୍ୟ ପଦାରେ ପଡିଯିବାର ସମ୍ଭାବନା ରହିଛି। ଯାହାକୁ ଆଧାର କରି ପୋଲିସ ତଦନ୍ତ ଆଳରେ ହସ୍ତଗତ ତଥ୍ୟକୁ ପ୍ରଘଟ ନ କରି ତାକୁ କୋର୍ଟରେ ଦାଖଲ କରିବ ବୋଲି ତଦନ୍ତ ଅଧିକାରୀ ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ପ୍ରକାଶ କରିଛନ୍ତି। ପୋଲିସର ଏତାଦୃଶ୍ୟ ଆଚରଣକୁ ସ୍ମିତାଙ୍କ ଶାଶୁଘର, ବାପଘର, ପରିବାର ଓ ଗାଁ ଲୋକେ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି।

### ୫-ଟିର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ

ମୃତ ପିଇଓଙ୍କ ଘଟଣାରେ ସରକାରଙ୍କ ୫-ଟି ଫର୍ମୁଲାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାର ତଦନ୍ତ କ୍ଷେତ୍ରରେ ୫-ଟିକୁ ବ୍ୟବହାର କରାଯାଇଛି କି ନାହିଁ ତାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଜନସାଧାରଣ। ଅପରପକ୍ଷରେ କର୍ତ୍ତବ୍ୟରେ ଥିବାବେଳେ ଜଣେ ସରକାରୀ କର୍ମଚାରୀଙ୍କ ପ୍ରାଣ ଚାଲିଗଲା। ତାଙ୍କୁ ନ୍ୟାୟ ପାଇଁ ବିରୋଧୀ ଦଳ, ସାମଜିକ ସଂଗଠନଗୁଡିକ ରାଜରାସ୍ତାକୁ ଓହ୍ଲାଇ ଆସିଛନ୍ତି। ହେଲେ ୫-ଟି ପ୍ରଣୟନ କରିଥିବା ଖୋଦ୍ ରାଜ୍ୟ ସରକାର ଓ ବିଜେଡି ନେତା ଏହି ମାମଲାରେ ଚୁପ ରହିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି।

### ପୋଲିସ ଅଧିକାରୀଙ୍କ ମତରେ ରହୁନି ତାଳମେଳ

ସ୍ମିତାଙ୍କ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମୁହଁ କାହିଁକି ଲୁଚାଗଲା ବୋଲି ତଦନ୍ତ ଅଧିକାରୀ ଧର୍ମଶାଳା ଥାନା ଇନ୍ସପେକ୍ଟର ସରୋଜ ସାହୁଙ୍କୁ ପଚାରିବାରୁ, ସେ ଅଭିଯୁକ୍ତର ମୁହଁ ଘୋଡାଇବାକୁ ନେଇ ସନ୍ତୋଷଜନକ ଉତ୍ତର ଦେଇ ନଥିଲେ। ପ୍ରେସ୍ ମିଟ୍ ସମୟରେ ସେ ଉକ୍ତ ସ୍ଥାନରେ ଉପସ୍ଥିତ ନ ଥିଲେ। କେହି ଅଭିଯୁକ୍ତଙ୍କ ମୁଣ୍ଡରେ ଟାୱେଲ ପକାଇ ଦେଇଥିବ ବୋଲି ସଫେଇ ଦେଇଛନ୍ତି। ହେଲେ ଏନେଇ ଏସଡିପିଓ କେଦାରନାଥ ସାହୁଙ୍କୁ ପଚାରିବାରୁ, ଅଭିଯୁକ୍ତଙ୍କ ମାନହାନି ନ ହେବା ପାଇଁ ତାଙ୍କ ମୁହଁ ଲୁଚାଇ ଦିଆଯାଇଥିଲା ବୋଲି କହିଛନ୍ତି। ତେବେ ଅଭିଯୁକ୍ତ ସ୍ଥାନୀୟ ଅଞ୍ଚଳରେ ବେଶ୍ ଜଣାଶୁଣା ହୋଇଥିବାବେଳେ ତାଙ୍କ ଫଟୋ ସାମଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ତାଙ୍କ ଫଟୋ ଗଣମାଧ୍ୟମରେ ମଧ୍ୟ ପ୍ରକାଶ ପାଇଛି। ଏହାସତ୍ତ୍ୱେ ଅଭିଯୁକ୍ତ କେଉଁ ଆଧାରରେ ମାନହାନି କେସ କରିବେ ବୋଲି ପ୍ରଶ୍ନ କରାଯାଇଥିଲେ ହେଁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରି ନ ଥିଲା।

## ଅତିଥି ଭବନକୁ ଦର୍ଶାଯାଉଛି କାର୍ଯ୍ୟାଳୟ

ପିଇଓ ସ୍ମିତାରାଣୀ ବିଶ୍ୱାଳ ସରପଞ୍ଚଙ୍କ ସ୍ୱାମୀଙ୍କ ଅତିଥି ଭବନର ଏକ ପ୍ରକୋଷ୍ଠରେ ଆତ୍ମହତ୍ୟା କରିଥିଲେ। ଉକ୍ତ କୋଠାଟି ସରପଞ୍ଚଙ୍କ ଅତିଥି ଭବନ ବୋଲି କୁହାଯାଉଛି। ମାତ୍ର ଏହାକୁ ରୂପେଶଙ୍କ କାର୍ଯ୍ୟାଳୟ ବୋଲି ଲୋକେ କହୁଥିବା ପୋଲିସ ପ୍ରକାଶ କରିଛି। ଯଦି ଏହା ଏକ ଅତିଥି ଭବନ ହୋଇଥାଏ, ତେବେ ଏହି ଭବନକୁ କେଉଁମାନେ ଯାତାୟାତ କରୁଥିଲେ, ଏ ନେଇ ରେଜିଷ୍ଟର ପରିଚାଳନା କରାଯାଉଥିଲା କି ନାହିଁ, ପୋଲିସ ତାହାକୁ ଜବତ କରିଛି କି ନାହିଁ ଭଳି ଅନେକ ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି। ନାଁ ଏହା ଏକ ବେଆଇନ ଅତିଥି ଭବନ ଥିଲା। ସେସବୁ ଅଡୁଆକୁ ପୋଲିସ ଆଡେଇ ଯିବାକୁ ଚେଷ୍ଟା କରୁଥିବାବେଳେ ଉକ୍ତ ଭବନକୁ ଅଭିଯୁକ୍ତଙ୍କ କାର୍ଯ୍ୟାଳୟ ବୋଲି ଦର୍ଶାଇ କାମ ସାରିଦେବାକୁ ଚାହୁଁଥିବା ଆଲୋଚନା ହେଉଛି।

## ସଂକ୍ଷେପରେ

### ଲେଖିକା ସଂସଦର ତୃତୀୟ ଅଧିବେଶନ

**ଯାଜପୁର ରୋଡ,୨୦।୧୦(ନି.ପ୍ର.):** ଯାଜପୁର ଜିଲା ଲେଖିକା ସଂସଦର ତୃତୀୟ ଅଧିବେଶନ ବୈଠକ ରବିବାର ସ୍ଥାନୀୟ ଶଶିଭୂଷଣ ଉଚ୍ଚ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦର ଉପଦେଷ୍ଟା ଧୀ ପ୍ରଭା ଦେବୀ ଅଧକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ଶକୁନ୍ତଳା ଦାସ ବେଦପାଠ ଏବଂ ବ୍ରଜେଶ୍ୱରୀ ସିଂ ସଂସଦର ସମ୍ପାଦକୀୟ ପାଠ କରିଥିଲେ। ନାରୀଙ୍କ ସୁରକ୍ଷା ଓ ସେମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାରକୁ ଲେଖିକା ସଂଘ ସଂସଦ ବିରୋଧ କରିବା ସହ ଲେଖା ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବା ପାଇଁ ବୈଠକରେ ସ୍ଥିର ହୋଇଛି। ଏହି ଅବସରରେ ନାରୀ ସୁରକ୍ଷା ଉପରେ ମଧ ଏକ ଆଲୋଚନା ଚକ୍ର କରାଯାଇଥିଲା। ଶକୁନ୍ତଳା ଦାସ, ହିରଣ୍ୟମୟୀ ମହାନ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରେ ପାର୍ବଣ ଉପରେ ଅନୁଷ୍ଠିତ କବିତା ଆସରକୁ ଅଶାନ୍ତି ସାମଲ ଓ ଧରିତ୍ରୀ ଦାସ ସଂଯୋଜନା କରିଥିଲେ। ରୀନା ମହାପାତ୍ର, ପ୍ରତିଭା ପାତ୍ର, ସନ୍ଧ୍ୟାରାଣୀ ଘଡ଼େଇ, ଗାୟତ୍ରୀ ନାୟକ, ହେମଲତା ଜେନା, ବ୍ରଜେଶ୍ୱରୀ ସିଂ, ମଧୁସ୍ମିତା ନାୟକ, ମାଙ୍ଗଳିକା ଦାସ, ଅନିନ୍ଦିତା ଦାସ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଲେଖିକା ସଂସଦକୁ ଏକ ମହାଦ୍ରୁମରେ ପରିଣତ କରିବା ପାଇଁ ସମ୍ପାଦିକା ବ୍ରଜେଶ୍ୱରୀ ସିଂ ଆହ୍ୱାନ ଦେଇଥିଲେ। ଶେଷରେ ଦୀପ୍ତିମୟୀ ସାମଲ ଧନ୍ୟବାଦ ଦେଇଥିଲେ।

### ତେଜରାତି ଗୋଦାମରୁ ଲୁଟ୍ ଅଭିଯୋଗ

**ଧର୍ମଶାଳା,୨୦।୧୦(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବିଟ୍ ହାଉସ ନିକଟସ୍ଥ ଏକ ତେଜରାତି ଗୋଦାମ ଘରୁ ଶନିବାର ରାତିରେ ଲୁଟ୍ ହୋଇଛି। ଏ ନେଇ ଦୋକାନ ମାଲିକ ଜିତେନ୍ଦ୍ର ସାମଲ ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଜୟ ଦୁର୍ଗା ଷ୍ଟୋରରୁ ଦୁର୍ବୃତ୍ତମାନେ ଗୋଦାମ ଗୃହ ସଟର ଚାବି କାଟି ୧୨୦ଟିଣ ପାମୋଲିନ ତେଲ, ସୂର୍ଯ୍ୟମୁଖୀ ୨୦ ଟିଣ, ସୋରିଷ ତେଲ ୧୮, ଘିଅ ୧୫ଜାର, ଜଡାତେଲ ୪ ଟିଣ ସହିତ ଚାଉଳ ୧୦ କୁଇଣ୍ଟାଲ ନେଇଯାଇଛନ୍ତି। ଯାହାର ମୂଲ୍ୟ ପାଖାପାଖି ୨ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ ହେବ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଗୋଦାମ ଘରେ ଲାଗିଥିବା ସିସିଟିଭି ଯାଞ୍ଚକରି ତଦନ୍ତ ଚଳାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଚୋରିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ପୋଲିସ କୌଣସି ଟେର୍ ପାଇ ନ ଥିବା ଜଣାପଡିଛି।

### ଶିକ୍ଷା ବିକାଶ ସମିତି ଓଡ଼ିଶା ଉତ୍ତର-ପୂର୍ବ ସମ୍ଭାଗସ୍ତରୀୟ ବୈଠକ

**ଯାଜପୁର ରୋଡ,୨୦।୧୦(ନି.ପ୍ର.):** ଶିକ୍ଷା ବିକାଶ ସମିତ ଏବଂ ଓଡ଼ିଶା ଉତ୍ତର-ପୂର୍ବ ସମ୍ଭାଗର ସମସ୍ତ ଶିଶୁବାଟିକା ପ୍ରମୁଖଙ୍କ ଶନିବାର ମଧୁସୂଦନ ନଗର, ସରସ୍ୱତୀ ଶିଶୁମନ୍ଦିରରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାସନଗର ପୌର ଅଧକ୍ଷା ସବିତା ରାଉତ, ବ୍ୟାସନଗର ମହାବିଦ୍ୟାଳୟର ଅଧାପିକା ପୁନ୍‌ପୁନ୍ ମହାନ୍ତି ଯୋଗଦେଇଥିଲେ। ସମ୍ଭାଗର ସଭାପତି ପ୍ରଫୁଲ୍ଲ କୁମାର ବୋଇତାଇ, ମଧୁସୂଦନ ବାରିକ, ପ୍ରଦୀପ କୁମାର ମଲ୍ଲିକ୍, ଅକ୍ଷୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ଶିଶୁମନ୍ଦିରରୁ ୧୪୦ ଜଣ ଗୁରୁମାଗୁରୁଜୀ ଯୋଗ ଦେଇଥିଲେ।

### ରତ୍ନଗିରିରେ ଗଜଲକ୍ଷ୍ମୀ ପୂଜା

**ବରୀ, ୨୦।୧୦(ସ୍ୱ.ପ୍ର.):** ବରୀ ବ୍ଲକ ରତ୍ନଗିରି ପଞ୍ଚାୟତ ଅଧୀନ ରତ୍ନଗିରି ବଜାରରେ ରବିବାର ଗଜଲକ୍ଷ୍ମୀ ପୂଜା ଉତ୍ସବ ଶେଷ ହୋଇଛି। ଶିବ ଶକ୍ତି, ମାତୃଶକ୍ତି, ତ୍ରିଶକ୍ତି, ପୂଜା କମିଟି ପକ୍ଷରୁ ତିନିଗୋଟି ମଣ୍ଡପରେ ଗଜଲକ୍ଷ୍ମୀଙ୍କୁ ପୂଜା କରାଯାଉଛି। ସୋମବାର ଭସାଣି ଉତ୍ସବ ହେବା ନେଇ କମିଟି ପକ୍ଷରୁ ଗରୀଶ ସାମଲ, ମୁକୁନ୍ଦ ସିଂ, ଶ୍ରୀକାନ୍ତ ଜେନା ପ୍ରମୁଖ ପ୍ରେସ୍ ବିବୃତିରେ ଜଣାଇଛନ୍ତି। କୁମାର ପୂର୍ଣ୍ଣମୀଠାରୁ ରିତୀନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହିତ ଅନ୍ନ ପ୍ରସାଦ ବଣ୍ଟନ କରାଯାଉଛି। ଦୀର୍ଘ ୮ଦିନ ହେଲା ଆଧାତ୍ମିକ ପରିବେଶରେ ରତ୍ନଗିରି ବଜାର ପ୍ରକମ୍ପିତ ହୋଇଥିଲା। ଏଠାରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଗଜଲକ୍ଷ୍ମୀ ପୂଜା ଉତ୍ସବ ପାଳନ କରାଯାଉଛି।

## ଜିଲା ଗ୍ରାମ୍ୟ ନିର୍ମାଣ ଡିଭିଜନ

# ଉତ୍ତର ରଖି ପାରୁନାହାନ୍ତି ନିର୍ବାହୀ ଯନ୍ତ୍ରୀ

- ପଡ଼ି ରହିଛି ୫ଟି ଗଣମାଧମ ଖବର, ୪ଟି ଇ-ଅଭିଯୋଗ
- ୭ ଦିନ ମଧରେ ଉତ୍ତର ରଖିବାକୁ ନିର୍ଦ୍ଦେଶ

**ଯାଜପୁର ଅଫିସ,୨୦।୧୦**

ଯାଜପୁର ଜିଲା ଗ୍ରାମ୍ୟ ନିର୍ମାଣ(ଆରଡି) ବିଭାଗୀୟ ଅଧିକାରୀ ବିଭିନ୍ନ ଗଣମାଧମରେ ପ୍ରକାଶିତ ଖବର ଓ ଇ-ଅଭିଯୋଗର ଉତ୍ତର ଦେବାରେ ବିଫଳ ହୋଇଛନ୍ତି। ବିଶେଷ କରି ଧରିତ୍ରୀ ସହ ଅନ୍ୟ ଗଣମାଧମରେ ପ୍ରକାଶିତ ଖବରଗୁଡିକ ଉପରେ ଯେନତେନ ପ୍ରକାରେ ମିଥ୍ୟା ଓ କପୋଳକଳ୍ପିତ ଉତ୍ତର ରଖି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ବର୍ତ୍ତି ଯାଉଛନ୍ତି। ଏହିକ୍ରମରେ ରାଜ୍ୟର ବିଭିନ୍ନ ଡିଭିଜନରେ ୪୨ଟି ଖବର ସଂକ୍ରାନ୍ତରେ ଏଯାଏ ଉତ୍ତର ଦିଆଯାଇପାରି ନାହିଁ। ଏଥିରେ ଯାଜପୁର ଜିଲାର ୫ଟି ଖବର ରହିଛି। ସେହିପରି ରାଜ୍ୟରେ ପଡି ରହିଥିବା ୬୮ଟି ଇ-ଅଭିଯୋଗ ମଧ୍ୟରୁ ଯାଜପୁର ଜିଲାର ୪ ଟି ଇ-ଅଭିଯୋଗ ସଂକ୍ରାନ୍ତରେ ଉତ୍ତର ରଖିବାରେ ବିଭାଗ ଅସମର୍ଥ ରହିଛି। ତେଣୁ ଗ୍ରାମ୍ୟ ନିର୍ମାଣ ବିଭାଗର ଇଞ୍ଜିନିୟର-ଇନ୍-ଚିଫ ୭ ଦିନ ମଧ୍ୟରେ ଇ-ଅଭିଯୋଗ ଓ ଗଣମାଧମର ଖବର ସଂକ୍ରାନ୍ତରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ସମ୍ପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ଜିଲାର ଗ୍ରାମାଞ୍ଚଳର ଗମନାଗମନ ସୁଦୃଢ଼ କରିବାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା(ପିଏମଜିଏସୱାଇ), ମୁଖ୍ୟମନ୍ତ୍ରୀ ସଡକ ଯୋଜନା (ଏମଏମଏସୱାଇ) ଆଦି କାର୍ଯ୍ୟକାରୀ ହେଉଛି। ଏଥିପାଇଁ ବାର୍ଷିକ କୋଟିକୋଟି ଟଙ୍କା ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେଉଛି। କିନ୍ତୁ ଠିକାଦାରୀ ରାଜନୀତି ଯୋଗୁ ରାସ୍ତାଗୁଡିକ ନିମ୍ନମାନର ହୋଇ ଦୀର୍ଘସ୍ଥାୟୀ ହୋଇପାରୁ ନାହିଁ। ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ନ କରି ଆବଣ୍ଟିତ ଅର୍ଥରୁ ସିଂହଭାଗ ଅର୍ଥ ବାଟମାରଣା ହେଉଛି। ମରାମତି ନାମରେ ଅନୁଦାନ ଚଳୁ ଏଠାରେ ସାଧାରଣ କଥା ହୋଇଛି। ଏନେଇ ବିଭିନ୍ନ ଗଣମାଧମରେ ସବିଶେଷ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଉଥିବାବେଳେ କେତେଜଣ ସଚେତନ ନାଗରିକ ଇ-ଅଭିଯୋଗ ମାଧମରେ ଉଚ୍ଚ କର୍ତ୍ତୃପକ୍ଷ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗଣମାଧମରେ ପ୍ରକାଶିତ ଖବର ବିପଦସଙ୍କୁଳ ଅବସ୍ଥାରେ ମୂଷାଟିକିରି କାଣିନଦୀରେ ଓଭରବ୍ରିଜ, ଗୋଡିଡିହ ଧଳସାହି ରାସ୍ତା ମରଣଯନ୍ତା, ତେଲିଆ ଗ୍ରାମ୍ୟ ରାସ୍ତା ଅବସ୍ଥା ଶୋଚନୀୟ, ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ) ପାଣ୍ଠି ଚଳୁ ଆଦି ଖବର ସଂକ୍ରାନ୍ତରେ ଜିଲା ଗ୍ରାମ୍ୟ ନିର୍ମାଣ ବିଭାଗ ଉତ୍ତର ରଖି ପାରିନାହିଁ। ସେହିପରି ବିଚିତ୍ରାନନ୍ଦ ରାୟଙ୍କ ଇ-ଅଭିଯୋଗରେ ବରୀରୁ ବିଞ୍ଝାରପୁର କଂକ୍ରିଟକରଣ ରାସ୍ତା ନିର୍ମାଣରେ ବିଳମ୍ବ, ସବିତା ସାମଲ ଓ ଗ୍ରାମବାସୀଙ୍କ ଧୋବାତୁଠର ବାଲୁଙ୍ଗାପଟିଆ ନଦୀର ପିଏମ୍‌ଜିଏସ୍‌ୱାଇ ବ୍ରିଜ ସଂଯୋଗୀକରଣ, ନିରଞ୍ଜନ ନାୟକ ଓ ଗ୍ରାମବାସୀଙ୍କ ବ୍ରାହ୍ମଣୀ ନଦୀର କଳାଖାଣ୍ଡୁ ବାଲିନଠିଆ ଘାଟର କାଠ ବ୍ରିଜ ଓ ୱେଦର ରାସ୍ତା ନିର୍ମାଣର ଖୋଲା ଟେଣ୍ଡର କରିବାକୁ ଆବେଦନ, ସୁରେନ୍ଦ୍ର କୁମାର ଜେନାଙ୍କ ବୈତରଣୀ ନଦୀର ବରୁଣ୍ଡେଇ ଓଭରବ୍ରିଜ ନିର୍ମାଣ ଦାବି ଆଦି ଇ-ଅଭିଯୋଗ ସଂକ୍ରାନ୍ତରୀୟ ଆବେଦନ ପଡି ରହିଛି। ଏହିସବୁ ଅଭିଯୋଗ ଏବଂ ଖବର ଉପରେ ବିଭାଗ ପକ୍ଷରୁ କାହିଁକି ଉତ୍ତର ଦେଇପାରି ନାହିଁ ତାହା ବିଭାଗୀୟ ଅଧିକାରୀଙ୍କ ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ସରକାର ୫-ଟି ଉପରେ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଯାଜପୁର ଜିଲାରେ ଏହାର ବ୍ୟତିକ୍ରମ ଘଟୁଛି। ଏହିସବୁ ଅବହେଳା ଯୋଗୁ ଯାଜପୁର ଜିଲାର ୧୩୩ଟି ଗ୍ରାମକୁ ସଡକ ସଂଯୋଗ ନ ଥିବାବେଳେ ଶତାଧିକ ଗ୍ରାମ୍ୟ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡିରହିଛି। ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଇ-ଅଭିଯୋଗ ସଂକ୍ରାନ୍ତରେ ଗ୍ରାମ୍ୟ ନିର୍ମାଣ ବିଭାଗର ଇଞ୍ଜିନିୟର-ଇନ୍-ଚିଫ ତାଙ୍କ ପତ୍ରସଂଖ୍ୟା ୨୫୮୮୮/୧୮।୧୦।୨୦୧୯ ଏବଂ ଗଣମାଧମ ଖବର ସଂକ୍ରାନ୍ତରେ ତାଙ୍କ ପତ୍ରସଂଖ୍ୟା ୨୬୦୭୧/୧୯।୧୦।୨୦୧୯ରେ ଯାଜପୁର ନିର୍ବାହୀଯନ୍ତ୍ରୀଙ୍କୁ ୭ ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ବାଲିଆରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ


ବିଧାୟିକା ସୁନନ୍ଦା ଦାସଙ୍କ ସହ ଅନ୍ୟମାନେ।

**ବରୀ,୨୦।୧୦(ସ୍ୱ.ପ୍ର.)**

ବରୀ ବ୍ଲକ ବାଲିଆ ପଞ୍ଚାୟତ ଅଧୀନ ଗଙ୍ଗାଧରପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟ ନିକଟରେ ରବିବାର ବରୀ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ଅଭିନ୍ନ କୁମାର ଜେନାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦାନ କରି ରାଜ୍ୟ ସରକାରଙ୍କର ଲୋକାଭିମୁଖୀ ଯୋଜନାକୁ ସାଧାରଣ ଲୋକଙ୍କ ପାଖରେ ଉପସ୍ଥାପନା କରିଥିଲେ। ବରୀ ନିର୍ବାଚନ ମଣ୍ଡଳୀରେ ୮୦ ହଜାରରୁ ଊର୍ଦ୍ଧ୍ୱ ସାଧାରଣ ଲୋକଙ୍କୁ ଦଳରେ ସଭ୍ୟ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ କର୍ମୀମାନଙ୍କୁ ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରିବା ପାଇଁ କଠିନ ପରିଶ୍ରମ କରିବାକୁ ପଡିବ ବୋଲି ବିଧାୟିକା ଦାସ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ପଞ୍ଚାୟତର ୨ହଜାର ୫ଶହ ମହିଳାପୁରୁଷ ଦଳରେ ସାମିଲ ହୋଇଥିଲେ। ଏହି ସଭ୍ୟମାନଙ୍କୁ ଦଳୀୟ ରଶିଦ୍ ପ୍ରଦାନ କରାଯାଇଛି। ସମିତି ସଭ୍ୟ ପ୍ରଦୀପ ଘଡ଼ାଇ, ସରପଞ୍ଚ ପ୍ରବୀର ଜେନା, ଗୋବିନ୍ଦ ଚନ୍ଦ୍ର ଜେନା, ହରିହର ପଣ୍ଡା, ରତିରଞ୍ଜନ ଜେନା, ଚିତ୍ତରଞ୍ଜନ ଜେନା, ଶ୍ରୀକାନ୍ତ ଜେନା, ନିର୍ମଳ ଜେନା, ସୁରଥ ଜେନା, ଭରତ ମଲିକ ପ୍ରମୁଖ ଶତାଧିକ ମହିଳା କର୍ମୀ ଉପସ୍ଥିତ ଥିଲେ।

## ଶହୀଦ ସ୍ମୃତି ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା


ଜିଲା ପୋଲିସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**କୋରେଇ,୨୦।୧୦(ସ୍ୱ.ପ୍ର.)**

ଯାଜପୁର ଜିଲା ପୋଲିସ ପକ୍ଷରୁ ରବିବାର ୬୦ତମ ଶହୀଦ ସ୍ମୃତି ଦିବସ ନେଇ ପାଣିକୋଇଲି ଟ୍ରେକର ଷ୍ଟାଣ୍ଡ ନିକଟରୁ ଶହୀଦ ସ୍ମୃତି ଉଦ୍ଦେଶ୍ୟରେ ଏକ ମହମବତୀ ଶୋଭାଯାତ୍ରା କରାଯାଇଛି। ଶୋଭାଯାତ୍ରାକୁ ଏସ୍‌ପି ଚରଣ ସିଂହ ମୀନା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଶୋଭାଯାତ୍ରା ଜିଲା ପୋଲିସ ରିଜର୍ଭ ପଡ଼ିଆରେ ଥିବା ଶହୀଦ ସ୍ତମ୍ଭ ନିକଟରେ ଶେଷ ହୋଇଥିଲା। ଜିଲା ପୋଲିସ ଶହୀଦ ଗୋପ ପ୍ରସାଦ ମହାନ୍ତି, ପ୍ରମୋଦ କୁମାର ଶତପଥୀ, ପ୍ରଶାନ୍ତ କୁମାର ବିଶ୍ୱାଳ, ସତ୍ୟାନନ୍ଦ ପଣ୍ଡା ଅମର ରହେ ସ୍ଲୋଗାନରେ ବଜାର ପ୍ରକମ୍ପିତ ହୋଇଥିଲା। ଜିଲା ପୋଲିସ ବାହିନୀ ସମେତ କୋରାଇ ପ୍ରେସ୍ କ୍ଲବ, ଆମେ ବିପଦର ସାଥୀ, ବରିଷ୍ଠ ନାଗରିକ ମଞ୍ଚ ଓ ସ୍ଥାନୀୟ ସମାଜିକ କର୍ମୀ, ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପାଣିକୋଇଲି ଥାନା ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା ଥାନାଧିକାରୀ ଅଜୟ କୁମାର ଜେନାଙ୍କ ନେତୃତ୍ୱରେ କରାଯାଇଥିଲା। ଅତିରିକ୍ତ ଏସ୍‌ପି ଜୟୀରାମ ଶତପଥୀ, ରିଜର୍ଭ ଇନ୍ସପେକ୍ଟର କାହ୍ନୁ ଚରଣ ମାରଣ୍ଡି, ଡିଆଇବି ଡିଏସ୍‌ପି ପ୍ରଫୁଲ୍ଲ ମିଶ୍ର, ବିଜୟ ମଲ୍ଲିକ, ସସ୍ମିତା ଦାସ, ଅଚ୍ୟୁତାନନ୍ଦ ଦାଶ, କନଷ୍ଟେବଳ ହାବିଲଦାର ସଙ୍ଘ ସଭାପତି ତାରାକାନ୍ତ ବିଶ୍ୱାଳ ଓ ସୁବାସ ଧଳ, ନୃସିଂହ ଚରଣ ଦଳାଇ, ସୀତାରାମ ବେହେରାଙ୍କ ସମେତ ଜିଲା ପୋଲିସ ବାହିନର ସାମିଲ ହୋଇଥିଲେ।

## ଟିପ୍ପର ଧକ୍କାରେ ଯୁବକଙ୍କ ମୃତ୍ୟୁ ମାମଲା, ଦୁଇ ଭାଇ ଗିରଫ

### ପୂର୍ବ ଶତ୍ରୁତାକୁ ନେଇ କରାଯାଇଥିଲା ହତ୍ୟା ଷଡ଼ଯନ୍ତ୍ର

**ଧର୍ମଶାଳା/ଜେନାପୁର, ୨୦।୧୦(ଡି.ଏନ୍.ଏ.)**


ଗିରଫ ଅଭିଯୁକ୍ତ।

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ବଳରାମପୁର ଛକଠାରେ ଟିପ୍ପର ଧକ୍କାରେ ତଳଗଡ଼ ଗ୍ରାମର ପ୍ରଦୀପ ମଳିକଙ୍କ ମୃତ୍ୟୁ ମାମଲାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ମାମଲାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ତଳଗଡ଼ ପଥୁରିଆ ସାହିର ଶ୍ରୀଧର ମଳିକ ଓ ତାଙ୍କ ସାନ ଭାଇ ଜଳଧର ମଳିକ। ଶନିବାର ପୋଲିସ ଶ୍ରୀଧରଙ୍କୁ ସମ୍ବଲପୁର ଜିଲା ରେଢାଖୋଲ ଓ ଜଳଧରଙ୍କୁ ଖୋର୍ଦ୍ଧା ଜିଲା ତାପଙ୍ଗରୁ ଗିରଫ କରିଥିଲା। ଉଭୟେ ପୂର୍ବ ଶତ୍ରୁତାକୁ ନେଇ ପ୍ରଦୀପଙ୍କୁ ଠେଙ୍ଗାରେ ବାଡେଇବା ପରେ ଟିପ୍ପର ଚଢ଼ାଇ ମାରିଥିବା ସ୍ୱୀକାର କରିଥିବା ରବିବାର ବଡ଼ଚଣା ଥାନାରେ ଏସ୍‌ଡିପିଓ କେଦାରନାଥ ସାହୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ୧୨ ତାରିଖରେ ପ୍ରଦୀପଙ୍କ ଭାଇ ରାମଚନ୍ଦ୍ର ଏବଂ ଶ୍ରୀଧର ଓ ଜଳଧରଙ୍କ ମଧ୍ୟରେ କୌଣସି କାରଖରୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ପଦୀପ ପହଞ୍ଚି ଶ୍ରୀଧର ଓ ଜଳଧରଙ୍କୁ ବିରୋଧ କରିଥିଲେ। ଏହାପରଠୁ ଅଭିଯୁକ୍ତ ଦ୍ୱୟ ପ୍ରଦୀପଙ୍କୁ ମାରିବା ପାଇଁ ଯୋଜନା କରିଥିଲେ। ଗତ ୧୩ ତାରିଖରେ ପ୍ରଦୀପ ଗ୍ରାମ ରାସ୍ତାରେ ସାଇକେଲ ନେଇ ଆସୁଥିବାବେଳେ ଉଭୟ ତାଙ୍କୁ ବାଡ଼େଇବା ସହ ଟିପ୍ପର ଚଢାଇ ଦେଇଥିବା ପୋଲିସ କହିଛି। ଉଭୟଙ୍କୁ ମାମଲା (ନଂ.୨୪୦/୧୯)ରେ ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପୋଲିସ କହିଛି। ଗତ ୧୩ ତାରିଖ ରବିବାର ପ୍ରଦୀପଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ସ୍ଥାନୀୟ ଲୋକେ ବଳରାମପୁର ଛକରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜକିଶୋର ଦୋରା ଓ ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ।

## କାରଖାନାରୁ ଲୁଟ୍ ସିମେଣ୍ଟ ଟ୍ରକ୍ ଜବତ, ୩ ଗିରଫ

**କଳିଙ୍ଗନଗର,୨୦।୧୦(ଡି.ଏନ୍.ଏ.):** କଳିଙ୍ଗନଗର ଶିଳ୍ପାଞ୍ଚଳ ମାଣତୀରାଠାରେ ଥିବା ଇମାମୀ ସିମେଣ୍ଟ କାରଖାନାରୁ ଗତ ୪ ତାରିଖରେ ବାହାରିଥିବା ୨ ଟ୍ରକ୍ ଗନ୍ତବ୍ୟ ସ୍ଥଳରେ ନ ପହଞ୍ଚିବା ନେଇ ଯଖପୁରା ଥାନାରେ ଅଭିଯୋଗ ହୋଇଥିଲା। ଏହି ମାମଲାରେ ଶନିବାର ପୋଲିସ ଗୋଟିଏ ଟ୍ରକ୍‌କୁ ରାଉରକେଲାରୁ ଜବତ କରିଛି। ଏଥିସହ ୨ ଜଣ ଗାଡିମାଲିକ ଓ ୧ ସିମେଣ୍ଟ କିଣିଥିବା ଇଟାଭାଟି ମାଲିକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟ୍ରକ୍‌ମାଲିକ ବାସନ୍ତି କଲୋନୀ ରାଉରକେଲାର ଅନସୁର ଜସୱାଲ୍ (୩୫) ଓ ବିର୍ଶାମୁଣ୍ଡା ରୋଡ ରାଉରକେଲାର ମୁକେଶ ଭାରତି(୩୫) ଏବଂ ଇଟାଭାଟି ମାଲିକ ରାଉରକେଲାର ଜ୍ୟୋତିପ୍ରକାଶ ପୃଷ୍ଟି (୪୫)। ରବିବାର ସମସ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଘଟଣା ଦିନ କାରଖାନାରୁ ୧୬ ଶହ ବ୍ୟାଗ ସିମେଣ୍ଟ ଲୋଡ କରିବାପରେ ଗୋଟିଏ ଟ୍ରକ ଟିକାବାଲି ଓ ଅନ୍ୟଟି ଅନୁଗୋଳ ବାହାରିଥିଲା। ଗେଟରୁ ବାହାରିବାପରେ ଅନସୁର ଓ ମୁକେସ ଗାଡି ଦୁଇଟିକୁ ରାଉରକେଲା ଅଭିମୁଖେ ନେଇଯାଇଥିଲେ। ସେଠାରେ ଗୋଟିଏ ଟ୍ରକ୍‌ର ସିମେଣ୍ଟକୁ ଇଟାଭାଟି କାରଖାନାରେ ଏକ ଲକ୍ଷ ଟଙ୍କାରେ ବିକ୍ରି କରି ଥିଲେ। ପରେ ଉକ୍ତ ଟଙ୍କାରେ ଗାଡିଟିକୁ ନେଇ ଗ୍ୟାରେଜରେ କାମ କରିଥିଲେ। ଅପରପକ୍ଷେ ଦୁଇଟି ଗାଡି ଅନଲୋଡିଂ ଜାଗାରେ ନ ପହଞ୍ଚିବାକୁ ନେଇ ଟ୍ରାନ୍ସପୋର୍ଟର ସୁପରଭାଇଜର ଅରକ୍ଷିତ ସାହୁ ଯଖପୁରା ଥାନାରେ ୮ ତାରିଖରେ ଅଭିଯୋଗ କରିଥିଲେ। ରାଉଲକେଲାର ଉକ୍ତ ଇଟାଭାଟିରୁ ୫ ଶହ ବ୍ୟାଗ ସିମେଣ୍ଟ ଜବତ କରିବା ସହ ଟ୍ରକ ଏବଂ ୩ ଜଣକୁ ଗିରଫ କରିଥିଲା।

## ପ୍ରେମିକଙ୍କୁ ପୋଲିସ ଜିମା ଦେଲେ ଗ୍ରାମବାସୀ

**ନାବାଳିକାଙ୍କୁ ପ୍ରେମ ମହଙ୍ଗା ପଡ଼ିଲା**

**ରସୁଲପୁର,୨୦।୧୦(ଡିଏନଏ)**

କୁଆଖିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ କରିବା ମହଙ୍ଗା ପଡ଼ିଛି। ଅପହରଣ ଯୋଜନା କରୁଥିବା ଅଭିଯୋଗରେ ପ୍ରେମିକଙ୍କୁ ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ସମ୍ପୃକ୍ତ ଯୁବକ କଟକ ଜିଲା ମହାଙ୍ଗା ଥାନା ମୋଗଲ ପାଟଣା ଗ୍ରାମର ଗୟାଧର ବେହୁରା(୨୨) ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ନାବାଳିକା ଓ ଗୟାଧରଙ୍କର ମିସ୍ କଲ୍‌ରୁ ପ୍ରେମ ଆରମ୍ଭ ହୋଇଥିଲା। କିଛିଦିନ ମୋବାଇଲରେ କଥା ହେବା ପରେ ସମ୍ପର୍କ ନିବିଡ ହୋଇଥିଲା। ଗୟାଧର ନାବାଳିକାଙ୍କୁ ଏକ ମୋବାଇଲ ଫୋନ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରବିବାର ଗୟାଧର ଯୁବତୀଙ୍କ ଗାଁରେ ପହଞ୍ଚି ଥିଲେ। ଫୋନରେ ହୋଇଥିବା କଥାବାର୍ତ୍ତା ମୁତାବକ ନାବାଳିକା ଯୁବକଙ୍କ ବାଇକରେ ବସି ପଳାଇ ଯାଉଥିବା ଗ୍ରାମବାସୀ ଦେଖି ଅଟକାଇ ଥିଲେ। ଏହାପରେ ନାବାଳିକାଙ୍କୁ ତାଙ୍କ ଘର ଲୋକଙ୍କୁ ଜିମା ଦେବା ସହିତ ଅଭିଯୁକ୍ତଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଛି। ପୋଲିସ ଅଭିଯୁକ୍ତଙ୍କ ବାଇକ୍ ଜବତ କରିଛି।

## ଭାଗବତ ଟୁଙ୍ଗି ପୁନରୁଦ୍ଧାର ବୈଠକ

**ବରୀ,୨୦।୧୦ (ସ୍ୱ.ପ୍ର.):** ବରୀ ବ୍ଲକର ୨୯ ପଞ୍ଚାୟତରେ ଥିବା ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ରବିବାର ସ୍ଥାନୀୟ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ଏକ କମିଟି ଗଠନ କରାଯାଇଛି । କମିଟିରେ ସଭାପତି ଭାବେ ପର୍ଶୁରାମ ବେହେରା, ସମ୍ପାଦକ ପଦ୍ମନାଭ ସ୍ୱାଇଁ, ଶମ୍ଭୁନାଥ ଜେନା କୋଷାଧକ୍ଷ ଓ ଅନାଦୀ ଜେନା ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ପ୍ରତ୍ୟେକ ଗ୍ରାମରେ ଥିବା ଭାଗବତ ଟୁଙ୍ଗିକୁ ପୁନରୁଦ୍ଧାର କରାଯାଇ ସରକାରୀ ସହାୟତା ଯୋଗାଇଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ପର୍ଶୁରାମ ବେହେରାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ରବୀନ୍ଦ୍ର କୁମାର ଦାସ, କାଞ୍ଚନବାଳା ଷଡ଼ଙ୍ଗୀ, ଶ୍ରୀଧର ମହଲ, ଧୀରେନ୍ଦ୍ର ନାଥ କବି, ବିନୋଦ ବେହେରା, ଅଭିମନ୍ୟୁ ଶାନ୍ତି, ବାସନ୍ତିସାମଲ, ଅନାଦିଜେନା, ସୀତାକାନ୍ତ ନାଥଶର୍ମା, ପ୍ରଦୀପ ପ୍ରଧାନ, ସଂଯୁକ୍ତ ସେଠୀ, ପଦ୍ମଲାଭ ସ୍ୱାଇଁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଭାଗବତ ପ୍ରେମୀ ଉପସ୍ଥିତଥିଲେ।

## ବୃକ୍ଷ ହିଁ ଜୀବନ ସମ୍ପର୍କିତ ଆଲୋଚନାଚକ୍ର

**ଯାଜପୁର ରୋଡ,୨୦।୧୦(ନି.ପ୍ର.)**

ବ୍ୟାସଦେବ ଟାଉନ୍ ହଲ୍ ଠାରେ ଜୟ ଏସ୍‌ଏଚ୍‌ଜି ବଜାର ପକ୍ଷରୁ ରବିବାର ବୃକ୍ଷ ହିଁ ଜୀବନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜୟ ଏସ୍‌ଏଚ୍‌ଜି ବଜାରର ସିଇଓ ଦେବଦତ୍ତ ରାୟଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ୨୦୨୦ ସୁଦ୍ଧା ସମଗ୍ର ଦେଶରେ ୧୩୦ କୋଟି ଶାଗୁଆନ୍ ଗଛ ଲଗାଇବା ପାଇଁ ଏହି ସଂସ୍ଥା ଲକ୍ଷ୍ୟ ରଖିଛି। ଓଡିଶାରେ ୨୦୧୯ ଡିସେମ୍ବର ସୁଦ୍ଧା ୫୦ ହଜାର ଗଛ ଲଗାଇବାର ଲକ୍ଷ୍ୟ ରଖି କାର୍ଯ୍ୟ କରୁଛି। ଏହି ସଂସ୍ଥା ବର୍ତ୍ତମାନ ସୁଦ୍ଧା ୫ ହଜାର ଗଛ ଲଗାଇବା ସହ ୧୦୦ ଲୋକଙ୍କୁ ରୋଜଗାର କ୍ଷମ କରିପାରିଛି। ଏଥିସହ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ଗଛ ଲଗାଇବା ଓ ତା'ର ରକ୍ଷଣାବେକ୍ଷଣା ଦାୟିତ୍ୱ ଏହି ସଂସ୍ଥା ନିଜ ହାତକୁ ନେଇଥିବା ଆଲୋଚନାଚକ୍ରରେ ସୂଚନା ଦିଆଯାଇଛି। ଆଲୋଚନାଚକ୍ରରେ ପ୍ରଫେସର ପ୍ରହଲ୍ଲାଦ ରାଉତ, ନିର୍ଦ୍ଦେଶକ ସଞ୍ଜୟ କୁମାର ଦାସ, ହରେକୃଷ୍ଣ ଦେବତା, ତୁଳସୀ ପ୍ରସାଦ ମହାନ୍ତ, ଯୋଜନଗନ୍ଧା ମହାନ୍ତି ପ୍ରମୁଖଙ୍କ ସମେତ ବହୁ ସଂସ୍ଥାର କର୍ମକର୍ତ୍ତା ଯୋଗଦେଇଥିଲେ। ଏହି କର୍ମଶାଳାରେ ଯାଜପୁର, ଭଦ୍ରକ, ବାଲେଶ୍ୱର, ଜଗତସିଂହପୁର, କେନ୍ଦ୍ରାପଡା, କେନ୍ଦୁଝର, ଢେଙ୍କାନାଳ, ତାଳଚେର, ବ୍ରହ୍ମପୁର, ଗଜପତି ପ୍ରଭୃତି ଜିଲାରୁ ୫୦୦ରୁ ଊର୍ଦ୍ଧ୍ୱ ମହିଳା ଏସ୍‌ଏଚ୍‌ଜି ଯୋଗଦାନ କରିଥିଲେ।


ଏସ୍‌ଏଚ୍‌ଜି ବଜାର ପକ୍ଷରୁ ଆଲୋଚନାଚକ୍ର କରାଯାଉଛି।

## ଚାନ୍ଦି ଅଳଙ୍କାର ମେଢ଼ ସଜ୍ଜା ଉପରେ ଗୁରୁତ୍ୱ

**ଷ୍ଟେଶନ୍ ବଜାର ମା' ଶ୍ୟାମାକାଳୀ ପୂଜା**

**ଯାଜପୁର ରୋଡ, ୨୦।୧୦(ନି.ପ୍ର.)**

ଯାଜପୁର ରୋଡ ସହର ସ୍ଥିତ ଷ୍ଟେଶନ୍ ବଜାରରେ ୧୯୫୮ରୁ ମା' ଶ୍ୟାମାକାଳୀଙ୍କୁ ପୂଜା କରାଯାଉଛି। ଏଠାରେ ପୂଜା ଆରମ୍ଭ ହେବା ପୂର୍ବରୁ ସ୍ଥାନୀୟ ଲୋକମାନେ କାଳୀପୂଜା ଦେଖିବା ପାଇଁ ଭଦ୍ରକ ଜିଲା ଯାଉଥିଲେ। ଏହାକୁ ଦେଖି ସହରରେ ମା' ଶ୍ୟାମାକାଳୀଙ୍କ ପୂଜା ପାଇଁ ଏକ କମିଟି ଗଠନ କରାଯାଇଥିଲା। ଏହି ପୂଜା ସ୍ୱର୍ଗତ ଶଶିଭୂଷଣ ମହାନ୍ତି ଓ କୀର୍ତ୍ତନ ବିହାରୀ ସାହୁଙ୍କ ଉଦ୍ୟମରେ ହୋଇଥିଲା। ସେବେଠାରୁ ୬୧ ବର୍ଷ ଧରି ଷ୍ଟେଶନ୍ ବଜାରରେ ମା'ଶ୍ୟାମାକାଳୀଙ୍କୁ ପୂଜା କରାଯାଉଛି। ଷ୍ଟେଶନ୍ ବଜାରର ବାଣିଜ୍ୟ ପ୍ରତିଷ୍ଠାନ ଏବଂ ଅନୁଷ୍ଠାନଗୁଡିକ ଏକତ୍ରିତ ହୋଇ ଚାନ୍ଦା ଆଦାୟକରି ପୂଜା କରୁଛନ୍ତି। ସର୍ବପୁରାତନ ଏହି ପୂଜାର ମୁଖ୍ୟ ଆକର୍ଷଣ ହେଉଛି ଚାନ୍ଦି ମେଢ। ପୂଜାରେ ମା'ଙ୍କୁ ଚାନ୍ଦି ମୁକୁଟ ଏବଂ ବିଭିନ୍ନ ଅଳଙ୍କାର ଦ୍ୱାରା ସୁସଜ୍ଜିତ କରାଯାଇଥାଏ। ଯାହା କିସହରର ଅନ୍ୟ ମଣ୍ଡପଠାରୁ ସତନ୍ତ୍ର ସ୍ଥାନ ଅଧିକାର କରିଥାଏ। ବର୍ତ୍ତମାନ ମା' କାଳୀଙ୍କର ପୂଜା ମଣ୍ଡପ ଷ୍ଟେଶନ୍ ବଜାରର ଡି.ଡି. ମାର୍କେଟ୍ ସମ୍ମୁଖରେ କରାଯାଉଛି। ପୂଜାକୁ ଆଉ ମାତ୍ର କିଛିଦିନ ବାକି ଥିବାବେଳେ ମା'ଙ୍କ ମୂର୍ତ୍ତୀ ନିର୍ମାଣରେ କାରୀଗରମାନେ ଲାଗିପଡିଛନ୍ତି। ଅପରପକ୍ଷେ ଚଳିତ ବର୍ଷ ପୂଜା ପାଇଁ କମିଟି ପକ୍ଷରୁ ୮ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ରିତିନୀତି ଅନୁସାରେ କମିଟି ପକ୍ଷରୁ ପୂଜାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଚଳିତ ବର୍ଷ ଲାଇଟ୍ ସାଜସଜ୍ଜା, କପଡାର ଗେଟ୍, ଦୈନିକ ଠାକୁରାଣୀଙ୍କ ନିକଟରେ ନୀତି ଭୋଗର ବ୍ୟବସ୍ଥା କରାଯାଇଛି। ଏଥିସହ ପୂଜାକୁ ଶାନ୍ତିଶୃଙ୍ଖଳା ସହ ପାଳନ କରିବା ଏବଂ ଭସାଣି ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ କମିଟି ପକ୍ଷରୁ ଜୋର୍ ଦିଆଯାଇଛି। ଏବେ କମିଟିର ସଭାପତି ହୃଷୀକେଶ ସାହୁ, ସମ୍ପାଦକ ବିରେନ୍ଦ୍ର କୁମାର ରାଉତ, କୋଷାଧକ୍ଷ ବିଜୟ କୁମାର ସାହୁ ପ୍ରମୁଖ ରହିଛନ୍ତି। ପୂଜାକୁ ନେଇ ୧୧ଦିନ ଧରି ଷ୍ଟେଶନ୍ ବଜାର ଉତ୍ସବ ମୁଖରିତ ହୋଇଥାଏ। ଚାନ୍ଦି ମେଢ଼ ଏବଂ ମା'ଙ୍କ ପୂଜାର ସ୍ୱତନ୍ତ୍ରତା ହେତୁ ଏହି ପୂଜା ମଣ୍ଡପରେ ଭକ୍ତଙ୍କ ଭିଡ ହୋଇଥାଏ। କମିଟି କର୍ମକର୍ତ୍ତା ଓ ରେଳବାଇ ପୋଲିସ୍ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥାଏ। ଏହି ବଜାର କମିଟି ଭାଇଚାରା ପ୍ରଚେଷ୍ଟା କରିବା ସହ ବିପଦବେଳେ ପରସ୍ପର ମଧ୍ୟରେ ସହଯୋଗ କରିଥାଏ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ସହାୟତା ମଧ୍ୟ କରାଯାଇଥାଏ ବୋଲି ବିଜୟ କୁମାର ସାହୁ ପ୍ରକାଶ କରିଛନ୍ତି। ଶବ୍ଦ ପ୍ରଦୂଷଣ ରୋକିବା, ମଣ୍ଡପକୁ ସ୍ୱଚ୍ଛ ରଖିବା ଉପରେ ଗୁରୁତ୍ୱ ଦିଆଯାଉଥିବା ସଭାପତି ଓ ସମ୍ପାଦକ କହିଛନ୍ତି। ପୂଜା ସମୟରେ ବିଷ୍ଣୁ ମଲ୍ଲିକ୍, ନିତ୍ୟାନନ୍ଦ କରଣ, ସଦାନନ୍ଦ ଲାହା, ପ୍ରମୋଦ କୁମାର ବିଶ୍ୱନ୍ଦୁଜ, ଭରତ ରାଉତ, ଶିବ ମଟାଣିଆ ଓ ଜଗଦିଶ ମଟାଣିଆ, ଅଶୋକ ନାୟକ, ନିରଞ୍ଜନ ସାହୁଙ୍କ ଭୂମିକା ବିଶେଷଭାବେ ରହିଥାଏ।


କାରିଗର ମୂର୍ତ୍ତି ନିର୍ମାଣରେ ମଗ୍ନ।












କେନ୍ଦ୍ରାପଡାର ପ୍ରସିଦ୍ଧ ଗଜଲକ୍ଷ୍ମୀ ମେଳଣ ଅବସରରେ କେନ୍ଦ୍ରାପଡା ସହରରେ ଶୋଭାଯାତ୍ରା ଓ ଲୋକନୃତ୍ୟ।

# ଆଶାକର୍ମୀଙ୍କ ଚତୁର୍ଥ ଜିଲା ସମ୍ମିଳନୀ




ଜିଲାସ୍ତରୀୟ ସମ୍ମିଳନୀରେ ଆଶାକର୍ମୀ ଓ ଅନ୍ୟମାନେ।

**ମାର୍ଶାଘାଇ, ୨୦।୧୦ (ଡି.ଏନ୍.ଏ.)**

ଆସନ୍ତା ନଭେମ୍ବର ୧୬ ଓ ୧୭ ତାରିଖରେ ସୁନ୍ଦରଗଡଠାରେ ଆଶାକର୍ମୀମାନଙ୍କ ୨ ଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିପାଇଁ ମାର୍ଶାଘାଇ ବ୍ଲକ କୁସୁନପୁରସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ରବିବାର ଆଶାକର୍ମୀଙ୍କ ଚତୁର୍ଥ ଜିଲା ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଥିଲା। ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ରାଜ୍ୟ ସାଧାରଣ ସମ୍ପାଦିକା ନମିତା ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ୯ଟି ବ୍ଲକ ସଂଗଠନର ଆଶାକର୍ମୀମାନେ ଯୋଗଦେଇଥିଲେ। ଏଥିରେ ଜିଲାସ୍ତରରୁ ୨୦ ଜଣ ପ୍ରତିନିଧି ସମ୍ମିଳନୀରେ ଯୋଗଦେବା ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ସେହିପରି ଆସନ୍ତା ବର୍ଷ ଜୁଲାଇ ୩୧ ତାରିଖରେ ଏଆଇଟିୟୁସିର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ବିଶାଳ ସମାବେଶ ପାଇଁ ଡ଼ାକରା ଦିଆଯାଇଛି। ଏଥିରେ ଆଶାକର୍ମୀମାନେ ଯୋଗଦେଇ ନ୍ୟାଯ୍ୟ ଦାବି ପାଇଁ ଆନ୍ଦୋଳନ କରିବେ ବୋଲି ମୁଖ୍ୟ ଉପଦେଷ୍ଟା ରମଣୀ ରଞ୍ଜନ ରାଉତରାୟ ସୂଚନା ଦେଇଛନ୍ତି।

## କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ମେଳଣ

# ରୋଶଣି ଓ ବାଦ୍ୟରେ ଦୁଲୁକିଲା ସହର

**କେନ୍ଦ୍ରାପଡା ଅଫିସ,୨୦।୧୦**

କେନ୍ଦ୍ରାପଡାରେ ମା' ଗଜଲକ୍ଷ୍ମୀଙ୍କ ମେଳଣ ପର୍ବ ରବିବାର ଠାରୁ ଆରମ୍ଭ ହୋଇଛି । ଏଥିପାଇଁ ସହର ଉତ୍ସବମୁଖର ହୋଇଉଠିଛି । ପୂର୍ବାହ୍ନରୁ ସହରର ପ୍ରତ୍ୟେକ ସ୍ଥାନରେ ଡିଜେ ଓ ଲୋକବାଦ୍ୟର ତାଳେ ତାଳେ ଶ୍ରଦ୍ଧାଳୁ ଝୁମିବାରେ ଲାଗିଥିବା ଦେଖିବାକୁ ମିଳିଛି । ସହରର ମୁଖ୍ୟରାସ୍ତା ଠାରୁ ଆରମ୍ଭ କରି ଗଳିକନ୍ଦି ପର୍ଯ୍ୟନ୍ତ ଲୋକଙ୍କ ଭିଡ ଲାଗିଛି । ଅପରପକ୍ଷରେ ମା' ସହର ପରିକ୍ରମା କରିବା ସମୟରେ ବିଭିନ୍ନ ସ୍ଥାନରେ ଅଟକି ନୈବେଦ୍ୟ ଗ୍ରହଣ କରିଛନ୍ତି । ଏଥିପାଇଁ ସହର ମଧ୍ୟରେ କେତେକ ଘର ଦୁଆର ମୁହଁରେ ସୁନ୍ଦର ଝୋଟି ଚିତା ଅଙ୍କନ କରାଯାଇଛି । ସେହିପରି କଦଳୀ ଗଛ, ପୂର୍ଣ୍ଣକୁମ୍ଭର ସାଜସଜ୍ଜା ହୋଇଛି । ମହିଳାମାନେ ହାତରେ ଭୋଗ ଧରି ମାଆଙ୍କୁ ଅପେକ୍ଷା କରି ପୂଜାର୍ଚ୍ଚନା କରିଛନ୍ତି । ଏହି ଦୃଶ୍ୟ ପୂର୍ବାହ୍ନ ୮ରୁ ଆରମ୍ଭ ହୋଇଯାଇଛି । ଅପରପକ୍ଷରେ ସହରର ପୁରୁଣା ବସଷ୍ଟାଣ୍ଡରେ ୪୬ଟି ମୃଣ୍ମୟୀ ମୂର୍ତ୍ତି ଏକାଠି ହୋଇଥିବା ବେଳେ ସନ୍ଧ୍ୟା ଠାରୁ ମେଳଣ ପର୍ବ ଆରମ୍ଭ ହୋଇଛି । ଜିଲାର ଗଣପର୍ବ ଭାବେ ପରିଚିତ ଏହି ପୂଜା ଗତ ୧୩ ତାରିଖ ଠାରୁ ଆରମ୍ଭ ହୋଇଥିଲା । ମା'ଙ୍କର ଆସ୍ଥାନ ବିସର୍ଜନ ବିଧି ଶନିବାର ନିଶାର୍ଦ୍ଧରେ ସମ୍ପୂର୍ଣ୍ଣ ହୋଇଥିଲା । ଏହି ପୂଜା ଉପଚାର ଗତ ସନ୍ଧ୍ୟା ଆଳତି ପରେ ଆରମ୍ଭ ହୋଇଥିଲା । ହୋମଯଜ୍ଞ, ଆଳତି ଓ ମନ୍ତ୍ରଧ୍ୱନି ଶ୍ରଦ୍ଧାଳୁଙ୍କୁ ବେଶ କିଛି ସମୟ ପୂଜାମଣ୍ଡପ ନିକଟରେ ଅଟକାଇ ରଖିଥିଲା। ପରମ୍ପରା ଅନୁଯାୟୀ ମେଳଣରେ ଯୋଗଦେବାକୁ ସାହିଭାଇଙ୍କୁ ଡାକିବା ପାଇଁ କମିଟି ପକ୍ଷରୁ ସକାଳ ୫ଟାରେ ପ୍ରତ୍ୟେକ ଘର ଦୁଆର ମୁହଁରେ ଘଣ୍ଟ ଓ ଢ଼ୋଲ ବାଦ୍ୟ ବାଜିଥିଲା । ପରେ ମେଢ଼ ଉଠା ଓ ଭୋଗ ଲାଗି ପାଇଁ ମା' ନଗର ପରିକ୍ରମା କରିଥିଲେ । ସହର ସମେତ ଆଖପାଖ ଅଞ୍ଚଳର ୮୦ରୁ ଊର୍ଦ୍ଧ୍ୱ ମେଢ ଏହି ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ବିଭିନ୍ନ ସାହି ଓ କମିଟି ମେଢରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ବିଭିନ୍ନ ବ୍ୟାଣ୍ଡପାର୍ଟି ସହ ଦୁଲୁଦୁଲି ବାଜା ଓ ଷଣ୍ଡ ନାଚରେ ସହର ଦୁଲୁକିଥିଲା । ସହରର ପୁରୁଣା ବସ୍‌ଷ୍ଟାଣ୍ଡ, ଖଡିଅଙ୍ଗ, କେଶପୁର ବଜାର, ଟାଉନ ବଳରାମପୁର, ମଡିଆଳ, ବଳଗଣ୍ଡି, ନସିଡିପୁର, ସାନମଙ୍ଗଳା, ନୂଆ ବସଷ୍ଟାଣ୍ଡ, କାକଟ ମଙ୍ଗଳା, ବଡହାଟ, ମହିପାଳ ଆଦି ମେଢଗୁଡିକ ନିଜର ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମେଳଣ ପଡିଆକୁ ଆସୁଥିବାର ଦୃଶ୍ୟ ଲୋକଙ୍କ ମନକୁ ଛୁଇଁଥିଲା । ପୂର୍ବରୁ ଜିଲା ଓ ପୋଲିସ ପ୍ରଶାସନ ସହ ପୂଜା କମିଟିର ନିଷ୍ପତ୍ତି ଅନୁଯାୟୀ ଲଟେରି ଦ୍ୱାରା ମେଢଗୁଡିକ କ୍ରମାନ୍ୱୟରେ ନିଜ ନିଜର ଆସ୍ଥାନରେ ବସାଇ ଭୋଗ ଲାଗି ହେବା ବ୍ୟବସ୍ଥା ହୋଇଛି । ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏଥିପାଇଁ ସହର ଅଞ୍ଚଳକୁ ୫ଟି ଭାଗରେ ବିଭକ୍ତ କରାଯାଇ ୫ଟି ଅସ୍ଥାୟୀ କଣ୍ଟ୍ରୋଲ ରୁମ ଖୋଲାଯାଇଛି । ଡିଆଇଜି ଆଶିଷ ସିଂହ, ଏସପି ନୀତିଶେଖରଙ୍କ ନେତୃତ୍ୱରେ ଦୁଇ ଏଏସପିଙ୍କ ସମେତ ୧୨ ଡିଏସପି, ୨୧ ଜଣ ଇନ୍ସପେକ୍ଟର, ୧୧୫ଜଣ ଏସଆଇ, ଏଏସଆଇ ,୧୦୦ଜଣ ହାବିଲଦାର, କନଷ୍ଟେବଳ, ୨୦୦ ଜଣ ଗୃହରକ୍ଷୀଙ୍କ ସହ ୩୦ ପ୍ଲାଟୁନ ଫୋର୍ସ ଶାନ୍ତିଶୃଙ୍ଖଳା ନିମନ୍ତେ ସହରର ସାହି, ବସ୍ତି ଅଞ୍ଚଳରେ ମୁତୟନ କରାଯାଇଛି । ସେହିପରି ଜିଲା ପ୍ରଶାସନ ପକ୍ଷରୁ ପ୍ରତି କଣ୍ଟ୍ରୋଲ ରୁମ ନିୟନ୍ତ୍ରଣରେ ଜଣେ ଲେଖାଏଁ ପ୍ରଶାସନିକ ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ବସନ୍ତ କୁମାର ରାଉତ, ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ତହସିଲଦାରମାନେ ପୂଜାମଣ୍ଡପରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ସ୍ୱତନ୍ତ୍ର ନଜର ରଖିଛନ୍ତି । ସୋମବାର ମେଳଣ ସରିବ ।

# ସ୍କୁଲଗୃହ ମରାମତି କାର୍ଯ୍ୟ ନିମ୍ନମାନର ଅଭିଯୋଗ

**ପଟ୍ଟାମୁଣ୍ଡାଇ, ୨୦।୧୦ (ସ୍ୱ.ପ୍ର.)**



ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ସ୍କୁଲ ଗୃହ ମରାମତି କାର୍ଯ୍ୟରେ ବ୍ୟାପକ ଜାଲିଆତି ତଥା ନିମ୍ନମାନର କାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଛି।

ବାତ୍ୟା ପ୍ରଭାବରେ ପଟ୍ଟାମୁଣ୍ଡାଇ ବ୍ଲକର ୫୬ଟି ସ୍କୁଲଗୃହ ଭାଙ୍ଗିଥିବା ବେଳେ ଏହାର ମରାମତି ପାଇଁ ସରକାରଙ୍କ ପକ୍ଷରୁ ୭୦ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ଏହି ଗୃହଗୁଡିକର ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ବ୍ଲକ ଅଧୀନ ଅଳପୁଆ ପଞ୍ଚାୟତ ଦାମୋଦରପାଟଣା ୟୁପିସ୍କୁଲ ଗୃହ ମରାମତି କାର୍ଯ୍ୟ ନିମ୍ନମାନର ହୋଇଥିବା ଗ୍ରାମବାସୀ ଓ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଠିକାଦାର ଜଣକ ଯେନତେନ ପ୍ରକାରେ ମରାମତି କାର୍ଯ୍ୟ ଶେଷ କରି ଦେଇଥିବା ବେଳେ କାନ୍ଥ ଠିକ୍ ଭାବେ ପ୍ଲାଷ୍ଟର କରି ନ ଥିବା ବେଳେ ଆଜବେଷ୍ଟସ୍ ଠିକ୍ ଭାବରେ ପଡିନାହିଁ। ଏବଂ କବାଟ ଝରକା ମଧ୍ୟ ମରାମତି ହୋଇନାହିଁ। ଏ ନେଇ ଗ୍ରାମବାସୀ ପଟ୍ଟାମୁଣ୍ଡାଇ ବିଡିଓ ଓ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ପ୍ରସନ୍ନ କୁମାର ରାଉତଙ୍କୁ ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟର ବିଲ୍ ହୋଇ ନ ଥିବା ବେଳେ ଠିକ୍ ଢଙ୍ଗରେ ମରାମତି କାର୍ଯ୍ୟ କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ ରାଉତ କହିଛନ୍ତି।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ମାର୍ଶାଘାଇ, ୨୦।୧୦ (ଡି.ଏନ୍.ଏ.)**

ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୭ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଚତୁର୍ଥ ବାର୍ଷିକ ବନ୍ଧୁ ମିଳନ ଉତ୍ସବ ରବିବାର ଅଙ୍ଗୁଳାଇ ପିଏନ୍ଏସ୍ ବୈଷୟିକ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଭାପତି ଧ୍ରୁବକିଶୋର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ଅଧିକାରୀ ଲକ୍ଷ୍ମୀନାରାୟଣ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଦାସ ମୁଖ୍ୟଅତିଥି ଓ ସମ୍ବଲପୁର ମୃତ୍ତିକା ସଂରକ୍ଷଣ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ବେଉରା, ବାଦଲ ଚନ୍ଦ୍ର ରାୟ, ଅଶୋକ କୁମାର ନାୟକ, ନୃସିଂହ ପ୍ରସାଦ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମର ସାହୁ, ଅଶୋକ ଦଳାଇ, ବିଜୟ ସ୍ୱାଇଁ, ଧୀରେନ୍ଦ୍ର ବେହେରା, ପ୍ରମୋଦ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ।

## ପଟ୍ଟାମୁଣ୍ଡାଇ ଜିଲା କୃଷି କାର୍ଯ୍ୟାଳୟରେ ଅବ୍ୟବସ୍ଥା

# ହଇରାଣ ହେଉଛନ୍ତି ଚାଷୀ

**ପଟ୍ଟାମୁଣ୍ଡାଇ, ୨୦।୧୦ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୃଷକମାନଙ୍କୁ ସହାୟତା ମିଳୁ ନ ଥିବା ଅଭିଯୋଗ ହୋଇଛି। ୨୦୧୮ ଜୁନ୍‌ରୁ ନୂତନ ଜିଲା କୃଷି ଅଧିକାରୀ ଯୋଗ ଦେଇଥିଲେ ବି ଅଧିକାଂଶ ସମୟରେ ଅଫିସ୍‌ରେ ଉପସ୍ଥିତ ରହୁ ନ ଥିବାରୁ କୃଷି ବିକାଶ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରୁଛି। ଏହି ଜିଲା କୃଷି କାର୍ଯ୍ୟାଳୟ ଅଧୀନରେ ପଟ୍ଟାମୁଣ୍ଡାଇ ବ୍ଲକ ମ୍ୟୁନିସିପାଲିଟି, ରାଜନଗର, ରାଜକନିକା ଓ ଆଳି ବ୍ଲକ ରହିଛି। ହେଲେ ବିଭିନ୍ନ ସମୟରେ କୃଷକମାନେ କୃଷି ସମ୍ବନ୍ଧୀୟ ପରାମର୍ଶ ପାଇଁ ଅଫିସ୍‌କୁ ଯାଉଥିଲେ ବି ଜିଲା କୃଷି ଅଧିକାରୀଙ୍କ ସାକ୍ଷାତ ନ ପାଇ ନିରାଶ ହୋଇ ଫେରୁଛନ୍ତି। ସେହିପରି ଏହି କାର୍ଯ୍ୟାଳୟରେ ରୋଗ ପୋକ ନିୟନ୍ତ୍ରଣ ଅଧିକାରୀ, ମାଟି ପରୀକ୍ଷା, କୃଷି ବିକାଶ ପାଇଁ ଠିକ୍ ପରାମର୍ଶ ଦେବାକୁ କେହି ଅଧିକାରୀ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଖରିଫ ଧାନରେ ରୋଗପୋକ ନିୟନ୍ତ୍ରଣ ପାଇଁ ଔଷଧ ଓ ସାର ପ୍ରୟୋଗ ଆଦି ବିଳମ୍ବ ହେଉଥିବାରୁ କୃଷି ଅଧିକାରୀଙ୍କ ଦେଖା ନ ମିଳିବା କୃଷକମାନଙ୍କୁ ହତାଶ କରିଛି।

ଅନ୍ୟପଟେ ପୂର୍ବ ଭାରତକୁ ସବୁଜ ବିପ୍ଳବର ଆଗମନ (ବିଜିଆର୍ଇଆଇ) ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନଏଫଏସଏମ), କୃଷି କ୍ଷେତ୍ରରେ ଫସଲର କୀଟନାଶକ ଔଷଧ ପ୍ରୟୋଗ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସଚେତନତା ସୃଷ୍ଟି କରିବାକୁ ବିଭିନ୍ନ ସ୍ଥାନରେ ବୈଠକ କରାଯିବା କଥା। ହେଲେ ଏ ପର୍ଯ୍ୟନ୍ତ ଏ ନେଇ କୌଣସି ସ୍ଥାନରେ ବୈଠକ ହୋଇନାହିଁ। ସେହିପରି ଧାଡ଼ିରୁଆ ପାଇଁ କୃଷକମାନଙ୍କୁ ତାଲିମ ମଧ୍ୟ ପ୍ରଦାନ କରାଯାଉ ନ ଥିବା ବାଲିପଡ଼ାର ପାରେଶ୍ୱର ବିଶ୍ୱାଳ, କଷଣଅଣ୍ଟା ସୁଶାନ୍ତ ସାହୁ, ବନ୍ଧପଡ଼ା ହରିହର ବିଶ୍ୱାଳ, ବେଲତଳ ସୁବାସ ସ୍ୱାଇଁ, ଗୋଲେଖ ମଲିକ, ମଟିଆର ଅଲେଖ ମଲିକ, ଠାକୁରପାଟଣାର ଅକ୍ଷୟ ଲେଙ୍କା, ବଳଦେବନଗର ପଞ୍ଚାନନ ଦାସ ଓ ଅଲେଖ ଭୂୟାଁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହି କୃଷି ଜିଲା ଅଧୀନ ରାଜନଗର ବ୍ଲକ ସହକାରୀ କୃଷି ଅଧିକାରୀ, ଆଳି ବ୍ଲକ ସହକାରୀ କୃଷି ଅଧିକାରୀ ଓ ରାଜକନିକା ବ୍ଲକ ସହକାରୀ କୃଷି ଅଧିକାରୀମାନେ ଜିଲା କୃଷି କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଥିଲେ ବି ଜିଲା କୃଷି ଅଧିକାରୀଙ୍କ ସାକ୍ଷାତ ପାଉନାହାନ୍ତି। ଏ ନେଇ ଆଇଏଚଆରଆସିର ଜିଲା ମୁଖ୍ୟ ପ୍ରତାପ ପାଢ଼ୀଙ୍କୁ ପଚାରିବାରେ କେନ୍ଦ୍ରାପଡ଼ା ଜିଲା ତଥା ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଧିବାସୀ କୃଷି ଉପରେ ନିର୍ଭରଶୀଳ। ସରକାରୀ ତଥା ବିଭାଗୀୟ ଅଧିକାରୀମାନଙ୍କ ଅସହଯୋଗ ଯୋଗୁ କୃଷି କ୍ଷେତ୍ରରେ ଅବନତି ହେବା ସହ ଚାଷୀମାନେ ଚାଷପ୍ରତି ବିମୁଖ ହେଉଛନ୍ତି। କୃଷି ଅଧିକାରୀମାନଙ୍କର ସହଯୋଗ ନ ରହିଲେ କୃଷକଙ୍କ ବିକାଶ ହୋଇପାରିବ ନାହିଁ ବୋଲି ଜିଲା ମୁଖ୍ୟ ପାଢ଼ୀ କହିଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ସହକାରୀ କୃଷି ଅଧିକାରୀ ଭଦ୍ରନାରାୟଣ ଦାସଙ୍କୁ ପଚାରିବାରେ ବ୍ଲକରେ ସମସ୍ତ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ଉଦୟବଟ ଧାମରେ ରାହାସ

**ପାରାଦୀପ,୨୦।୧୦(ସ୍ୱ.ପ୍ର.):** ପାରାଦୀପ ଉପକଣ୍ଠ ଦୋଛକି ପାଖରେ ଥିବା ପ୍ରାଚୀନ ଉଦୟବଟ ଧାମରେ ପଞ୍ଚସଖା ରାସମଣ୍ଡଳୀ ପକ୍ଷରୁ ରାହାସ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ରାସମଣ୍ଡଳୀର ପୁରୋଧା ଭାବେ ପବିତ୍ର ପଦ୍ମବନ ନେମାଳସ୍ଥିତ ଶ୍ରୀବତ୍ସ ଅବଧୂତ ବାସୁଦେବ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଓଡ଼ିଶାର ପ୍ରମୁଖ ପଞ୍ଚବଟ, ବାଞ୍ଛାବଟ, ରତ୍ନବଟ, କଳ୍ପବଟ, ଛତିଆବଟ ଓ ଉଦୟବଟରେ ଏହି ରାହାସ କରାଯାଉଛି। ଉଦୟବଟରେ ପଞ୍ଚସଖା ଯୁଗର ଅନ୍ୟତମ ସାଧକ ରାଜୀବ ଲୋଚନ ଦାସଙ୍କ ସମାଧିସ୍ଥଳ ରହିଛି। ଏଠାରେ ରାଜୀବ ଲୋଚନ ଦୀର୍ଘଦିନ ଧରି ସାଧନା କରିଥିଲେ। ବଟ ସଂସ୍କୃତିର ଅନ୍ୟତମ ଆକର୍ଷଣ ସ୍ଥାନ ଉଦୟବଟରେ ଏପରି ରାହାସ ପାଳନ ହେବାର ପରମ୍ପରା ରହିଛି ବୋଲି ଆୟୋଜକଙ୍କ ପକ୍ଷରୁ ରମେଶ ମହାନ୍ତି କହିଛନ୍ତି। ମାଗୁଣି ଚରଣ ବେହେରା, ଭ୍ରମରବର ଦାସ, ପ୍ରଶାନ୍ତ ବେହେରା, ରଘୁନାଥ ମହାନ୍ତି, ଅଚ୍ୟୁତାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଶାରଳା ମନ୍ଦିର ମୁଖ୍ୟଦ୍ୱାର କବାଟ ପ୍ରତିଷ୍ଠା

**ତିର୍ତ୍ତୋଲ,୨୦।୧୦(ଡି.ଏନ.ଏ.):** ଝଙ୍କଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ମନ୍ଦିର ମୁଖ୍ୟଦ୍ୱାରର ନୂତନ କବାଟ ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ନଗରକୀର୍ତ୍ତନ, ମା'ଙ୍କୁ ୧୦୮ ତୀର୍ଥଜଳରେ ସ୍ନାନ, ଷୋଡ଼ଶ ଉପଚାର ପୂଜା ଓ ବ୍ରହ୍ମ ଏକାକ୍ଷର ବିଶ୍ୱଶାନ୍ତି ମହାଯଜ୍ଞ ହୋଇଥିଲା। ଆୟୋଜିତ ଧର୍ମସଭା ଓ ସାଧୁସନ୍ଥ ସମାବେଶରେ ବିଧାୟକ ବିଷ୍ଣୁ ଦାସ, ସ୍ତମ୍ଭକାର ଅରୁଣ ପଣ୍ଡା, ବାବା ଜଗନ୍ନାଥ ଦାଶ ଗୋସ୍ୱାମୀ, ବାବାଜୀ କୃଷ୍ଣଚନ୍ଦ୍ର ଦାସ, ବାବା ଉଦ୍ଧବ ଦାସ, ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ, ଜ୍ଞାନାନନ୍ଦ ସରସ୍ୱତୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ବ୍ରହ୍ମ ଏକାକ୍ଷର ବିଶ୍ୱଶାନ୍ତି ଯଜ୍ଞର ଆଶ୍ରମ ସେବକ ସତ୍ୟରଞ୍ଜନ ଦାସ ପରିଚାଳନା କରିଥିଲେ। ପଣ୍ଡିତ ଖଗେଶ୍ୱର ରଥ, ଗୟାଧର ପଣ୍ଡା, ପୁସ୍ତକାଚାର୍ଯ୍ୟ ଅରବିନ୍ଦ ତ୍ରିପାଠୀ ଉପସ୍ଥିତ ଥିଲେ।

### ଲକ୍ଷ୍ମଣ ମଲ୍ଲିକଙ୍କ ୫ମ ଶ୍ରାଦ୍ଧବାର୍ଷିକ

**ଜଗତ୍‌ସିଂହପୁର ଅଫିସ,୨୦।୧୦:** ପୂର୍ବତନ ମନ୍ତ୍ରୀ, ଏମ୍‌ପି, ଜିଲା ପରିଷଦ ଅଧକ୍ଷ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ୫ମ ଶ୍ରାଦ୍ଧବାର୍ଷିକ ସ୍ଥାନୀୟ ଏକ ମଣ୍ଡପରେ ପାଳିତ ହୋଇଛି। ଏଥିରେ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, ସ୍ୱର୍ଗତ ମଲ୍ଲିକଙ୍କ ବିନା ଆଧୁନିକ ଜଗତ୍‌ସିଂହପୁରର ପରିକଳ୍ପନା ଅସମ୍ଭବ। ଶିକ୍ଷାବିତ୍ ବିମଳେନ୍ଦ୍ର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତ ମଲ୍ଲିକ ଜଣେ ନିତିନିଷ୍ଠ, ସଚୋଟ, ଭଦ୍ର ଓ ନମ୍ର ରାଜନେତା ଭାବରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ ବୋଲି କହିଥିଲେ। ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ମଲ୍ଲିକଙ୍କ ମନ୍ତ୍ରୀ ସମୟରେ ହୋଇଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ କହିଥିଲେ। ଆଇନଜୀବୀ ରବୀନ୍ଦ୍ର ମହାନ୍ତି, ସୁଶାନ୍ତ କାନୁନ୍‌ଗୋ, ନଳିନୀକାନ୍ତ ସ୍ୱାଇଁ, ଶ୍ରୀଚରଣ ରାଉତ, ଦେବୀ ପ୍ରସାଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଦାସ, ସର୍ବଭାରତୀୟ ପ୍ରଶାସନିକ ପରୀକ୍ଷାରେ ସଫଳ ହୋଇଥିବା ସୌମ୍ୟରଞ୍ଜନ ରାଉତ, ମାଟ୍ରିକ ପରୀକ୍ଷାରେ ଜିଲାରେ ଟପ୍ପର ହୋଇଥିବା ଆଶୁତୋଷ ମହାନ୍ତିଙ୍କୁ ଲକ୍ଷ୍ମଣ ମଲ୍ଲିକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୌମ୍ୟରଞ୍ଜନଙ୍କ ପାଇଁ ତାଙ୍କ ବାପା ବରିଷ୍ଠ ପ୍ରଶାସକ ସୁକାନ୍ତ ରାଉତ ଓ ମାଟ୍ରିକ ଟପ୍ପରଙ୍କ ପାଇଁ ତାଙ୍କ ମାତା ଓ ପିତା ପୁରସ୍କାର ଗ୍ରହଣ କରିଥିଲେ। ନଗର କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ସାହୁ କବିତା ପାଠ କରିଥିଲେ। ପ୍ରଶାନ୍ତ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ନଗର କଂଗ୍ରେସ ସଭାପତି ପ୍ରଶାନ୍ତ ମହାପାତ୍ର, ଶିକ୍ଷାବିତ୍ ନିକୁଞ୍ଜ କିଶୋର ବେହେରା, ପ୍ରିୟ ରାଏ, ଅବନିକାନ୍ତ ମହାରଣା, ସୁନିଲ ମାଟିଆ, କୃଷ୍ଣଚନ୍ଦ୍ର ପ୍ରଧାନ ସଂଯୋଜନା କରିଥିଲେ। ବିଜୟ ସାହୁ, ଦେବୀ ପ୍ରସାଦ ଚୌଧୁରୀ, ସୌମ୍ୟଜୀତ ଦାଶ, ହେମନ୍ତ ରଥ, ଧ୍ରୁବଚରଣ ପଟ୍ଟନାୟକ, ନିମାଇଁ ବାରିକ, ପ୍ରସନ୍ନ ସାମନ୍ତରାୟ, ନିତ୍ୟାନନ୍ଦ ପଣ୍ଡା, ସର୍ବେଶ୍ୱର ପଣ୍ଡା, ନିରଞ୍ଜନ ସେଠୀ, ରଞ୍ଜିତ ଦାଶ, ଉପେନ୍ଦ୍ର ଦାସ, ଅଭୟ ମହାନ୍ତି, ଲକ୍ଷ୍ମୀନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରକ୍ କରିଡର ଏବେ ମରଣଯନ୍ତା

**ପାରାଦୀପ, ୨୦।୧୦(ଡି.ଏନ୍.ଏ.)**


ବିପର୍ଯ୍ୟସ୍ତ ରାସ୍ତା ଦେଇ ଟ୍ରକ୍ ଚଳାଚଳ କରୁଛି।


ରାସ୍ତାରେ ସୃଷ୍ଟି ହୋଇଥିବା ଖାଲ।

- ହାତ ଟେକିଦେଇଛନ୍ତି ଜାତୀୟ ରାଜପଥ କର୍ତ୍ତୃପକ୍ଷ
- ମରାମତି କରିବାକୁ ରାଜି ନୁହଁ ବ୍ୟବହାରକାରୀ ସଂସ୍ଥା
- ଟ୍ରକ୍ ଚାଳକ ଓ ମାଲିକଙ୍କ ମଧ୍ୟରେ ଅସନ୍ତୋଷ

ପାରାଦୀପର ଅଠରବାଙ୍କିଠାରୁ ଦୋଛକି ପର୍ଯ୍ୟନ୍ତ ୪ କି.ମି. ଟ୍ରକ୍ କରିଡର (ଟ୍ରକ୍ ଚଳାଚଳ କରୁଥିବା ରାସ୍ତା) ଏବେ ମରଣଯନ୍ତା ପାଲଟିଛି। ରାସ୍ତାଟି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଏହାର ମରାମତିକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଉକ୍ତ ରାସ୍ତାରେ ପ୍ରାୟତଃ କେବଳ ଟ୍ରକ୍ ଚଳାଚଳ କରିଥାଏ। ରାସ୍ତାରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ପ୍ରତିଦିନ ଦୁର୍ଘଟଣା ଘଟୁଛି। ପ୍ରତ୍ୟେହ ୧୦ରୁ ଅଧିକ ଟ୍ରକ୍‌ର ଚେସିସ୍ ପତି ଭାଙ୍ଗୁଛି। ତେଣୁ ଉକ୍ତ ରାସ୍ତା ମରାମତି କରିବା ପାଇଁ ପାରାଦୀପର ସମସ୍ତ ୭ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଏକାଧିକବାର ୫ନଂ(କ) ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରାଗଲାଣି। ମାତ୍ର ଏହାର କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଉକ୍ତ ରାସ୍ତାର ଇତିହାସ ଓ ମାଲିକାନା ଏତେ ଦ୍ୱନ୍ଦ୍ୱାତ୍ମକ ଯେ ତାହା କିଏ ମରାମତି କରିବ ତାହା ନିର୍ଣ୍ଣୟ କରିହେନି। ଅପରପକ୍ଷେ ରାସ୍ତା ଦୁରାବସ୍ଥାକୁ ନେଇ ଟ୍ରକ୍ ଚାଳକ ଓ ମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। କୌଣସି ଦିନ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ଟ୍ରକ ମାଲିକମାନେ ରାଜପଥରେ ଗାଡ଼ି ରଖି ଆନ୍ଦୋଳନ କରିପାରନ୍ତି ବୋଲି କୁହନ୍ତି ଜଗନ୍ନାଥ ଟ୍ରକ୍ ମାଲିକ ସଂଘର ଉପସଭାପତି ପ୍ରକାଶ ଜେନା। ସୂଚନାଯୋଗ୍ୟ ଯେ, ଅଠରବାଙ୍କିଠାରୁ ଦୋଛକି ପର୍ଯ୍ୟନ୍ତ ୫ ନଂ(କ) ଜାତୀୟ ରାଜପଥର ୪ଲେନ୍ ରାସ୍ତା ବ୍ୟତିରେକ ଆଉ ଏକ ଲେନ୍ ବା ଟ୍ରକ୍ କରିଡର ରାସ୍ତା ରାଜପଥ କର୍ତ୍ତୃପକ୍ଷ ଓ ପରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ବୁଝାମଣା ଭିତରେ ନିର୍ମାଣ ହୋଇଥିଲା। ଉକ୍ତ ରାସ୍ତା ପାଇଁ ସେତେବେଳେ ପାରାଦୀପ ବନ୍ଦର ଅର୍ଥ ଦେଇଥିଲା। ରାଜପଥ କର୍ତ୍ତୃପକ୍ଷ ରାସ୍ତା ତିଆରି କରିଥିଲେ। ଉକ୍ତ ରାସ୍ତା ହେବା ପରେ ସେଥିରେ କେବଳ ଚଣ୍ଡିଖୋଲ ପଟୁ ଆସୁଥିବା ଲୁହାପଥର ଟ୍ରକ୍ ଲାଇନ୍‌ରେ ବନ୍ଦର ଭିତରକୁ ପ୍ରବେଶ କରୁଛି। କହିବାକୁ ଗଲେ ଉକ୍ତ ଟ୍ରକ୍ କରିଡର କେବଳ ପ୍ରବେଶ ପାଇଁ ଉଦ୍ଦିଷ୍ଟ। ପ୍ରସ୍ଥାନ ବେଳେ ୪ଲେନ୍ ରାସ୍ତାରେ ଟ୍ରକ୍ ଯାଇଥାଏ। ରାସ୍ତା ନିର୍ମାଣ ବେଳେ ମରାମତି ପ୍ରସଙ୍ଗକୁ ଦୁଇ କର୍ତ୍ତୃପକ୍ଷ ଧ୍ୟାନ ଦେଇ ନ ଥିଲେ। ଏବେ ସେହି ରାସ୍ତା ମରାମତି ଅଭାବରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ମରାମତି ପାଇଁ ୫୦ ଲକ୍ଷରୁ ୧ କୋଟି ଟଙ୍କା ଲାଗିପାରେ ବୋଲି ଜନୈକ ଯନ୍ତ୍ରୀ କହିଛନ୍ତି। ଏବେ ସେହି ପ୍ରସଙ୍ଗ ଉଠିବାରୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ କହୁଛନ୍ତି ଯେ ଉକ୍ତ ରାସ୍ତା ଜାତୀୟ ରାଜପଥ କର୍ତ୍ତୃପକ୍ଷ ମରାମତି କରିବେ। କାରଣ ତାହା ତାଙ୍କ ରାସ୍ତା। ରାଜପଥ କର୍ତ୍ତୃପକ୍ଷ କହୁଛନ୍ତି ଯେ, ୪ ଲେନ ବିଶିଷ୍ଟ ରାସ୍ତା ତାଙ୍କ ଅଧୀନରେ ରହିଛି। କରିଡ଼ର ରାସ୍ତା ପାଇଁ ତାଙ୍କର ସେଭଳି କିଛି ବଜେଟ ନାହିଁ। ଏମିତି ସ୍ଥିତିରେ ଟ୍ରକ୍ ମାଲିକମାନେ ଏପାଖ ସେପାଖ ହେଉଛନ୍ତି। ଆନ୍ଦୋଳନ ଧମକ ପରେ ପାରାଦୀପ ଏଏସ୍‌ପି ଶନିବାର ଦୁଇ କର୍ତ୍ତୃପକ୍ଷଙ୍କ ସହ କଥା ହୋଇଛନ୍ତି। ଏଏସ୍‌ପି ବିଷ୍ଣୁଚରଣ ମିଶ୍ରଙ୍କ କହିବାନୁସାରେ ବନ୍ଦର କର୍ତ୍ତୃପକ୍ଷ କିଛି ମାତ୍ରାରେ ରାଜି ହୋଇଛନ୍ତି। ଏ ନେଇ ତାଙ୍କୁ ବିଧିବଦ୍ଧ ଭାବେ ଲିଖିତ ଭାବେ ଜଣାଇଲେ ସେ ବିଚାର କରିବେ ବୋଲି କହିଛନ୍ତି।

## ଭୂମିହୀନ ଦମ୍ପତି ଏବେ ବେସାହାରା

**କୁଜଙ୍ଗ, ୨୦।୧୦(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମର ଏକ ଭୂମିହୀନ ନିସନ୍ତାନ ଦମ୍ପତି ଏବେ ରୋଗ ଶଯ୍ୟାରେ। ସେମାନଙ୍କ ପାଖରେ ଉପଯୁକ୍ତ ବାସଘର କି ଚିକିତ୍ସା ହେବା ପାଇଁ ଅର୍ଥ ନାହିଁ। କେବଳ ଯେଉଁ ୧୦ କିଗ୍ରା ଚାଉଳ ମିଳୁଛି ତାହାକୁ ନେଇ ଜୀବନ ବଞ୍ଚାଇ ଚାଲିଛନ୍ତି। ସେ ହେଲେ ଜନାପାଳର ବିଷ୍ଣୁ ଚରଣ ସାହାଣୀ(୭୮) ଓ ତାଙ୍କ ସ୍ତ୍ରୀ ଶାନ୍ତି। ବିଷ୍ଣୁ ମୂଲ ଲାଗି ଚଳୁଥିଲେ। ତାଙ୍କୁ ଯେଉଁ ବାସଘର ମିଳିଥିଲା ତାହା ସମ୍ପୂର୍ଣ୍ଣ ହୋଇନାହିଁ। ଏକ କଚ୍ଚାଘରେ ଏହି ବୃଦ୍ଧ ଦମ୍ପତି ରହୁଥିବା ବେଳେ ଘରଟି ଛପର ହୋଇନାହିଁ। ବିଷ୍ଣୁଙ୍କ ସ୍ତ୍ରୀ ଶାନ୍ତି ମଧ୍ୟ ବିଭିନ୍ନ ରୋଗରେ ପୀଡ଼ିତ। ସେ ଚଲାବୁଲା କରିପାରୁନାହାନ୍ତି। ବିଷ୍ଣୁ ମଧ୍ୟ ଆଉ ମୂଲ ଲାଗିପାରୁନାହାନ୍ତି। ଏଭଳି ଅବସ୍ଥାରେ ସେମାନେ ଅତି ଦୟନୀୟ ଭାବେ ଚଳୁଛନ୍ତି। ପଡ଼ୋଶୀମାନେ କେତେବେଳେ କେମିତି ସେମାନଙ୍କୁ ସହାୟତା ଦେଉଛନ୍ତି। ତେଣୁ ସରକାରଙ୍କ ପକ୍ଷରୁ ସେମାନଙ୍କୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବିରିଡ଼ି/ ବାଲିଆ, ୨୦।୧୦ (ଡି.ଏନ.ଏ.)**


ପଦଯାତ୍ରାରେ କର୍ମୀମାନଙ୍କ ସହ ବିଧାୟକ ବିଷ୍ଣୁଚରଣ ଦାସ।

ବିରିଡ଼ି ବ୍ଲକ ବିଜେଡି ପକ୍ଷରୁ ରବିବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ପୂର୍ବତନ ବ୍ଲକ ବିଜେଡି ଅଧକ୍ଷ ରବିନାରାୟଣ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ବିଧାୟକ ବିଷ୍ଣୁଚରଣ ଦାସ ଯୋଗଦେଇ ନବୀନ ସରକାରଙ୍କ ଜନ କଲ୍ୟାଣ ଯୋଜନା ଓ ସ୍ୱଚ୍ଛ ଶାସନ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ବ୍ଲକ ବିଜେଡି କାର୍ଯ୍ୟାଳୟରୁ ଏହି ପଦଯାତ୍ରା ବାହାରି ବିରିଡି ଛକ ମହାତୋଳ ଗଡ଼ା, ପଣ୍ଡିଆ ଛକ, ଦୋଗଛିଆ ଛକ, ବୁଢାପଡ଼ା ଛକ, ବାଲିଆ ଛକ ଦେଇ ବାଲିଆଷ୍ଟୋରଠାରେ ଶେଷ ହୋଇଥିଲା। ପଦଯାତ୍ରାରେ ହଜାର ହଜାର ସଂଖ୍ୟାରେ କର୍ମୀ ଯୋଗଦେଇ ୪କିଲୋମିଟର ଚାଲିଥିଲେ। ଜିଲା ପରିଷଦ ସଭ୍ୟା ଲତା ଦାସ, ସଭ୍ୟ ପ୍ରତାପ ବେହେରା, ବିଜେଡି ରାଜ୍ୟ ମହିଳା ସମ୍ପାଦିକା ମିନତୀ ଦାସ, ନୃସିଂହ କୁମାର ଦାଶ, ନେତ୍ରାନନ୍ଦ ପାତ୍ର, ପବିତ୍ର ପଶାୟତ, ପ୍ରଦୀପ୍ତ ଭୂୟାଁ, ଧନଞ୍ଜୟ ରାଉତ, ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ମୀର ଆଜମିର ଅଲ୍ଲୀ, ଲିଙ୍ଗରାଜ ବେହେରା, ରବୀନ୍ଦ୍ର ଦାସ, ମହାସଂଘ ସମ୍ପାଦିକା ସରୋଜିନୀ ବେହେରା, ମମତା ଦାଶ, ପୂର୍ବତନ ବ୍ଲକ ଅଧାକ୍ଷା ମମତା ପାତ୍ର, ନାରୀନେତ୍ରୀ ବୈଜୟନ୍ତୀ ମହାନ୍ତି, ସମିତି ସଭ୍ୟା ମିତାଞ୍ଜଳି ଭୋଇ, ମାମିନା ସିଂ, ସଭ୍ୟ ବିଶ୍ୱରଞ୍ଜନ କର, ବାସନ୍ଦରା ସରପଞ୍ଚ ଲକ୍ଷ୍ମୀଧର ଭୋଇ, ସରପଞ୍ଚ ସକୁନ୍ତଳା ବେହେରା, ନିବେଦିତା ମାଣିଆ, ସ୍ୱଦେସ୍ମା ପଟ୍ଟନାୟକ, ରଶ୍ମୀରଞ୍ଜନ ବେହେରା, ଅମିତ ରାଉଳ, ରୁନୁବାଳା ମହାନ୍ତି, ପୂର୍ବତନ ସରପଞ୍ଚ ରବିନାରାୟଣ ସିଂ, ତୃପ୍ତିରଞ୍ଜନ ରାୟ, ରବୀନ୍ଦ୍ର ସାହୁ, କେଦାର ସାହୁ, ଅକ୍ଷୟ କୁମାର ଦାସ, ସନ୍ତୋଷ ରାୟ, ପ୍ରକାଶ ବାରିକ, ବ୍ଲକ ବିଜେଡି ଅନୁସୂଚୀତ ଜାତି ସେଲ ସଭାପତି ଅଜୟ ଭୋଇ, ବିଜେଡି ରାଜ୍ୟ ଅନୁସୁଚୀତ ଜାତି ସେଲ ସାଧାରଣ ସମ୍ପାଦକ ନିରଞ୍ଜନ ସେଠୀ ପ୍ରମୁଖ ବହୁ ବିଜେଡି କର୍ମୀ ସାମିଲ ହୋଇଥିଲେ।

## ଦଧିବାମନଜୀଉ ସେବାଶ୍ରମର ରକ୍ତଦାନ ଶିବିର

**ବାଲିକୁଦା,୨୦।୧୦(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଖାଲଗାଁ ପଞ୍ଚାୟତ ମହାବୀର ବିଦ୍ୟାନିକେତନଠାରେ ରବିବାର ଶ୍ରୀ ଶ୍ରୀ ଦଧିବାମନଜୀଉ ସେବାଶ୍ରମ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ସେବାଶ୍ରମ ସଭାପତି ପୂର୍ଣ୍ଣଚନ୍ଦ୍ର ପାଲ ଅଧକ୍ଷତା କରିଥିଲେ। ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିର ଆୟୋଜକଙ୍କୁ ପ୍ରଶଂସା କରିଥିଲେ। ସମ୍ପାଦକ ମଧୁସୂଦନ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଆଇନଜୀବୀ ପ୍ରକାଶ ପ୍ରଧାନ, କମଳାକାନ୍ତ ମହାପାତ୍ର, ରାମଚନ୍ଦ୍ର ସ୍ୱାଇଁ, ତାପସ ସ୍ୱାଇଁ, ପ୍ରକାଶ ଦଳାଇ, ନିରଞ୍ଜନ ପଣ୍ଡା, ରାଜେନ୍ଦ୍ର ମିଶ୍ର, ଅପଣ୍ଡରା ସରପଞ୍ଚ ଶରତ ସେଠୀ, ପୂର୍ବତନ ଜିଲାପରିଷଦ ଯୁଗଳ ମହାନ୍ତି, ସମିତି ସଭ୍ୟ ଜଟାଧାରୀ ଦାସ, ରବୀନ୍ଦ୍ର ପ୍ରଧାନ, ନାରାୟାଣ ବାରିକ, ଅପର୍ତ୍ତି ମହାନ୍ତି, ଅର୍ଜ୍ଜୁନ ନାୟକ, ପ୍ରଶାନ୍ତ ବାରିକ, ସଦାନନ୍ଦ ବେହେରା, ସରପଞ୍ଚ ପର୍ଶୁରାମ ସେଠୀ, କିଶୋର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଶିବିରରେ ୧୮୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରାଜ୍ୟ ଯୁବ ବିଜେଡି ସମ୍ପାଦକ କମଳାକାନ୍ତ ମହାପାତ୍ର ଅଗଷ୍ଟ ୧୫ରେ ରକ୍ତଦାନ କରିଥିବାବେଳେ ରବିବାର ପୁଣି ରକ୍ତଦାନ କରିଥିଲେ। ଜୀବନରେ ସେ ୨୨ ଥରରୁ ଊର୍ଦ୍ଧ୍ୱ ଥର ରକ୍ତଦାନ କରିଛନ୍ତି।



## ପୟିଆପାରି ଗଜଲକ୍ଷ୍ମୀ ପୂଜାର ଶହେ ବର୍ଷ ପୂର୍ତ୍ତି

**ରଘୁନାଥପୁର, ୨୦।୧୦ (ଡି.ଏନ.ଏ.)**


ପୟିଆପାରିରେ ପୂଜା ପାଉଥିବା ଗଜଲକ୍ଷ୍ମୀ।

ରଘୁନାଥପୁର ବ୍ଲକ ଗୁଆଲିପୁର ପଞ୍ଚାୟତ ପୟିଆପାରି ଗଜଲକ୍ଷ୍ମୀ ପୂଜାର ଶହେ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଦିନ ମା'ଙ୍କ ନିକଟରେ ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହେବା ସହ ବିଭିନ୍ନ ପ୍ରକାର ବ୍ୟଞ୍ଜନ ଭୋଗ ଲାଗି କରାଯାଇଥିଲା। ଏହି ଉପଲକ୍ଷେ ମଣ୍ଡପ ନିକଟରେ ଗତ ଏକ ସପ୍ତାହ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ, ଅରୁଣ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ଭାରତ, ପରିବେଶ ସୁରକ୍ଷା ଓ ପ୍ଲାଷ୍ଟିକ ମୁକ୍ତ ସଚେତନତା ସମ୍ପର୍କରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଡ. କୈଳାସ ଚନ୍ଦ୍ର ଥାଟୋଇ ଓ ମଞ୍ଜୁ ଥାଟୋଇ କାର୍ଯ୍ୟକ୍ରମରେ ସାମିଲ ହୋଇ ଆଧାତ୍ମିକ ଦିଗ୍‌ଦର୍ଶନ ଦେଇଥିଲେ। ସେହିପରି ସ୍ନିଗ୍ଧା ମହାପାତ୍ର, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ସ୍ମିତାଶ୍ରୀ ସ୍ୱାଇଁ, ଶୁଭଶ୍ରୀ ସ୍ୱାଇଁଙ୍କ ଉଦ୍ୟମରେ ମହିଳାମାନଙ୍କୁ ନେଇ ବିଭିନ୍ନ ପ୍ରକାର କଳା ଓ ସଂସ୍କୃତି ଉପରେ ପ୍ରତିଯୋଗିତା ହୋଇଥିଲା। ତ୍ରିନାଥ ସ୍ୱାଇଁ ଓ ପ୍ରଭାତ କୁମାର ମହାପାତ୍ର, ଜଗନ୍ନାଥ ସ୍ୱାଇଁ ଓ ଯୋଗେନ୍ଦ୍ର ନାଥ ବସ୍ତିଆ ଏଥିରେ ସହଯୋଗ କରିଥିଲେ। ରବିବାର ମା'ଙ୍କ ମୂର୍ତ୍ତିକୁ ଭସାଣି ଶୋଭାଯାତ୍ରାରେ ନିଆଯାଇ ବିସର୍ଜନ କରାଯାଇଥିଲା।

## ଗଙ୍ଗଦାହାଟରେ ମା'ଶାରଳାଙ୍କ ପୂଜା

**ନାଉଗାଁ, ୨୦।୧୦(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଗଙ୍ଗଦାହାଟରେ ମା'ଶାରଳା ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ମା'ଙ୍କ ୨୭ତମ ବାର୍ଷିକ ଷୋଡ଼ଶ ଉପଚାର ପୂଜା ଓ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଗୁରୁବାର ସନ୍ଧ୍ୟାରେ ପରିଷଦ ତରଫରୁ ମହାଶୋଭାଯାତ୍ରାରେ ମା'ଙ୍କ ଆଜ୍ଞାମାଳ ବରଣୀ କରି ଅଣାଯାଇଥିଲା। ନବଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଶାଳିଜଙ୍ଗାସ୍ଥିତ ମହିମା ଆଶ୍ରମର ବାବା ଶ୍ରୀଗଦାଧର ଦାସ ଉଦ୍‌ଘାଟନ କରିଥିଲେ। ଉତ୍ସବ ପରେ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ପ୍ରତ୍ୟେହ ମା'ଙ୍କ ପୂଜା ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହ ସାଧୁସନ୍ଥମାନେ ଧର୍ମସଭାରେ ଯୋଗଦେଇ ପ୍ରବଚନ ଦେବେ। ପ୍ରତ୍ୟହ ଓଡ଼ିଶୀ, ପଲ୍ଲୀନୃତ୍ୟ, ଭଜନ, ଗୀତିନାଟ୍ୟ, ପାଲା ଆଦି କାର୍ଯ୍ୟକ୍ରମ କରାଯିବ। ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ମୁଖ୍ୟଅତିଥି, ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କୁ ପୁରସ୍କୃତ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟହ ସନ୍ଧ୍ୟାରେ ଗୋଠଦା ମଠାଧିଶ ମହନ୍ତ ମହାରାଜ ଶ୍ରୀ ଶ୍ରୀ ଚିନ୍ତାମଣି ପର୍ବତ ଗୋସ୍ୱାମୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହେଉଛି। ମା'ଙ୍କ ଏହି ଷୋଡ଼ଶ ଉପଚାର ପୂଜା ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ହେଉଛି।

■ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପ୍ରସ୍ତୁତି

# ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱ

**ଜଗତ୍‌ସିଂହପୁର ଅଫିସ,୨୦।୧୦**

ଅକ୍ଟୋବର ୨୯ରେ ରାଜ୍ୟ ବିପର୍ଯ୍ୟୟ ପ୍ରସମନ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହେଉଛି। ଏହାକୁ ସଫଳ କରିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜଗତ୍‌ସିଂହପୁରକୁ ଏକ ବାତ୍ୟା ପ୍ରବଣ ଜିଲା ଭାବେ ବିବେଚନା କରାଯିବା ସହ ମୁକାବିଲା ପାଇଁ ପ୍ରତ୍ୟେକ ସତର୍କ ରହିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କୁହାଯାଇଥିଲା ଯେ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ବ୍ୟାପକ ସଚେତନତା ଜରୁରୀ। ତେଣୁ ଅକ୍ଟୋବର ୨୯ ସକାଳ ୮ଟାରେ କଲେଜ ଛକଠାରୁ ଏକ ଶୋଭାଯାତ୍ରା କରାଯିବ। ସକାଳ ୧୦ଟାରେ ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ କରାଯିବ। ଦମକଳ ବାହିନୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ମକଡ୍ରିଲ ପ୍ରଦର୍ଶନ କରାଯିବ। ଏହି ଦିବସରେ ବୃକ୍ଷରୋପଣ କରାଯିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। ଅପରାହ୍ନ ୫.୩୦ରେ ସମୂହ ଦୀପଦାନ କରାଯିବ ବୋଲି କୁହାଯାଇଥିଲା। ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରକାଶ ଚନ୍ଦ୍ର ପାଲ, ଜିଲା ପ୍ରୋଗ୍ରାମ ଅଫିସର ଜ୍ଞାନେନ୍ଦ୍ର ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଗୁଞ୍ଜର ଚରଣ ମହାନ୍ତ, ଜିଲା ପଞ୍ଚାୟତ ଅଧିକାରୀ ପାଲେଶ୍ୱର କୁମ୍ଭାର, ତହସିଲଦାର ମାନସ ରଞ୍ଜନ ଭୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପାରାଦୀପରେ ନୂଆଁଖାଇ ଭେଟଘାଟ



ନୂଆଁଖାଇ ଭେଟ୍‌ଘାଟ ଉତ୍ସବରେ ଉପସ୍ଥିତ ଅତିଥି।

**ପାରାଦୀପ,୨୦।୧୦(ସ୍ୱ.ପ୍ର.)**

ପାରାଦୀପ ତୈଳ ବିଶୋଧନାଗାର ଟାଉନ୍‌ସିପ୍ ପରିସରରେ ରବିବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜୁହାର ପରିବାର ସଙ୍ଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା, ରିଫାଇନାରୀର ନିର୍ବାହୀ ନିର୍ଦ୍ଦେଶକ ଟି.ଡି.ଭି.ଏସ୍. ଗୋପାଳକ୍ରିଷ୍ଣା, ଇଫ୍‌କୋ କାରଖାନା ୟୁନିଟ୍ ମୁଖ୍ୟ କେ.ଜେ.ପଟେଲ୍, ପିପିଏଲ କାରଖାନା ମୁଖ୍ୟ ରଣଜିତ ସିଂଟୁଗ, ହଳଧର ନାଗ, ମିତ୍ରଭାନୁ ଗୌନ୍ତିଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପଶ୍ଚିମ ଓଡ଼ିଶାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରତିବର୍ଷ ପାରାଦୀପ ଶିଳ୍ପାଞ୍ଚଳରେ ଥିବା ପଶ୍ଚିମ ଓଡ଼ିଶାର ଲୋକଙ୍କୁ ନେଇ ଏହି ଗଣପର୍ବ କରାଯାଇଆସୁଛି।

■ ହିଷ୍ଟ୍ରି ଅଫ୍ ପାରାଦୀପ ପୁସ୍ତକ ଲୋକାର୍ପିତ

# ଆଞ୍ଚଳିକ ଇତିହାସ ଉଜ୍ଜୀବିତ ହେବା ଜରୁରୀ

**ଭୁବନେଶ୍ୱର, ୨୦।୧୦(ବ୍ୟୁରୋ)**



ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ଓ ଅନ୍ୟ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଦେଶ ମହାଦେଶର ଇତିହାସ, କୌଣସି ଏକ ରାଜ୍ୟର ଇତିହାସକୁ ସମସ୍ତେ ପ୍ରକାଶିତ କରୁଛନ୍ତି। ପୁରାତନ ସଭ୍ୟତା, କଳା, ସଂସ୍କୃତିର ମଧ୍ୟ ପ୍ରସାରପ୍ରଚାର କରାଯାଉଛି। କିନ୍ତୁ ଆଞ୍ଚଳିକ ସ୍ଥାନଗୁଡ଼ିକର ଇତିହାସ ଏବେ ବି ସମାଜକୁ ଅଛପା ରହିଛି। 'ହିଷ୍ଟ୍ରି ଅଫ୍ ପାରାଦୀପ' ପୁସ୍ତକରେ ଯେପରି ପାରାଦୀପ ପରି ଏକ ସ୍ଥାନ ବିଷୟରେ ଜାଣିବାକୁ ମିଳୁଛି, ସେହିପରି ଅନ୍ୟ ଆଞ୍ଚଳିକ ସ୍ଥାନର ଇତିହାସ ଉଜ୍ଜୀବିତ ହେବା ଜରୁରୀ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ରବିବାର ସନ୍ଧ୍ୟାରେ ସ୍ଥାନୀୟ ପ୍ରେସ୍‌କ୍ଲବ୍‌ଠାରେ ଐତିହାସିକ ତଥା ଗବେଷକ ସ୍ୱର୍ଗତ ସତ୍ୟାନନ୍ଦ ପଣ୍ଡାଙ୍କ 'ହିଷ୍ଟ୍ରି ଅଫ୍ ପାରାଦୀପ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଓଡ଼ିଶାର ଏକ ସୁନ୍ଦର ଇତିହାସ ଅଛି। କିନ୍ତୁ ଆନ୍ତରିକତାର ଅଭାବ ହେତୁ ଏହା ଲୋକଲୋଚନକୁ ଆସିପାରୁନାହିଁ। ଓଡ଼ିଶା ଇତିହାସର ଅନେକ କଥା ଏହିପରି ଗବେଷକଙ୍କ ଦ୍ୱାରା ହିଁ ବାହାରକୁ ଆସିବ ବୋଲି ସେ କହିଥିଲେ। ଉତ୍ସବରେ ପୂର୍ବତନ ପୋଲିସ୍ ମହାନିର୍ଦ୍ଦେଶକ ଅମୀୟ ଭୂଷଣ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଭାରତୀୟ ଜାତୀୟ ଅଭିଲେଖାଗାରର ଉପନିର୍ଦ୍ଦେଶକ ଡ. ଲଲାଟେନ୍ଦୁ ଦାସ ମହାପାତ୍ର, ଐତିହାସିକା ଡ. ନିବେଦିତା ମହାନ୍ତି, ସ୍ତମ୍ଭକାର ଅନିଲ ଧୀର ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ପଣ୍ଡାଙ୍କ ଦ୍ୱାରା ଗବେଷିତ ହୋଇଥିବା କୈବର୍ତ୍ତ୍ୟ ସମାଜର ଜୀବନ ଜୀବିକା, କୁଜଙ୍ଗର ଇତିହାସ, ପାରାଦୀପ ବନ୍ଦର, ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ପ୍ରମୁଖ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଡ. ସତ୍ୟାନନ୍ଦ ପଣ୍ଡା ମେମୋରିଆଲ ଟ୍ରଷ୍ଟ ୱେବ୍‌ସାଇଟ ଉନ୍ମୋଚନ ହେବା ସହ ଡ. ପଣ୍ଡାଙ୍କ ଘଟଣାବହୁଳ ଜୀବନୀ ଉପରେ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଟ୍ରଷ୍ଟର ଟ୍ରଷ୍ଟି ଶୁଭ୍ରାଂଶୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ସଦସ୍ୟ ଚନ୍ଦ୍ରକାନ୍ତ ପଣ୍ଡା ସଭା ପରିଚାଳନା କରିଥିଲେ। ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ହେଲମେଟ୍ ନ ପିନ୍ଧି ଗଣିଲେ ୮୦୦୦

**କୁଜଙ୍ଗ,୨୦।୧୦(ସ୍ୱ.ପ୍ର.)**

କଟକ-ପାରାଦୀପ ରାସ୍ତାରେ ଗତ କିଛିଦିନ ହେଲା ପୁଣି ବାଇକ୍ ଦୁର୍ଘଟଣା ବୃଦ୍ଧି ପାଇଛି। ଇତିମଧ୍ୟରେ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ଗାଡ଼ି ଚେକିଂ ଟିକେ କୋହଳ କରାଯାଇଥିଲା। କିନ୍ତୁ ରବିବାର ସନ୍ଧ୍ୟାରେ କୁଜଙ୍ଗ ଥାନା ପକ୍ଷରୁ ଚେକିଂ ପୁଣି କଡ଼ାକଡ଼ି କରାଯାଇଛି। କୁଜଙ୍ଗ ଥାନା ଅଧିକାରୀ ଦିଲୀପ କୁମାର ସାହୁଙ୍କ ନିର୍ଦ୍ଦେଶରେ କୁଜଙ୍ଗ ଷଣ୍ଢପୁର ପେଟ୍ରୋଲ ଟାଙ୍କି ନିକଟରେ ସନ୍ଧ୍ୟାରେ ଚେକିଂ କରାଯାଇ ଜରିମାନା ବାବଦରେ ୮୦୦୦ ଟଙ୍କା ଆଦାୟ କରାଯାଇଛି। ବିଶେଷ କରି ହେଲମେଟ୍ ପିନ୍ଧି ନ ଥିବା ଗାଡି ଚାଳକମାନେ ଏହି ଜରିମାନା ଦେଇଥିବା ଜଣାପଡ଼ିଛି। ଶୁଭ୍ରଜିତ୍ ଦାଶ, ଦେବେନ୍ଦ୍ର ସାହୁ ପ୍ରମୁଖ ସବ୍‌ଇନ୍ସପେକ୍ଟର ଏହି ଚେକିଂର ନେତୃତ୍ୱ ନେଇଥିଲେ।

# କାର ଧକ୍କାରେ ବାପଝିଅ ଗୁରୁତର

**ଜଗତ୍‌ସିଂହପୁର ଅଫିସ, ୨୦।୧୦**

ଜଗତ୍‌ସିଂହପୁର ଥାନା ଅଧୀନ ନବାପାଟଣା ଠାରେ ଶନିବାର ରାତିରେ ଏକ କାର ଦୁର୍ଘଟଣାରେ ବାପଝିଅ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କଣ୍ଠାବଲ୍ଲଭପୁରର ହାଡ଼ିବନ୍ଧୁ ସାହୁ ଓ ତାଙ୍କ ଝିଅ ବିନୁ। ସେମାନଙ୍କୁ ପ୍ରଥମେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ହାଡ଼ିବନ୍ଧୁଙ୍କ ପୁଅ ଶିବ ଚରଣ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଏନେଇ ମାମଲା ସଂଖ୍ୟା ୩୫୩/୧୯ ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ଗତ ୧୯ ତାରିଖ ରାତିରେ ହାଡ଼ିବନ୍ଧୁ ଓ ଝିଅ ବିନୁ ନବାପାଟଣା ଭସାଣି ଦେଖିବାକୁ ଯାଇଥିଲେ। ଫେରିଲାବେଳେ ନବାପାଟଣା କେଳାସାହି ଛକ ନିକଟରେ ଦ୍ରୁତ ଗତିରେ ଆସୁଥିବା ଏକ କାର (ନଂ.ଓଆର୍‌୦୨ ବିବି ୩୩୦୯) ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ସେମାନେ ଗୁରୁତର ହୋଇଥିଲେ। ଗାଡ଼ି ଚାଳକଙ୍କ ବେପରୁଆ ଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗରେ ଦର୍ଶାଯାଇଛି।

# ଗ୍ରୀଲ୍ ତାଡ଼ି ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**କୁଜଙ୍ଗ, ୨୦।୧୦(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇ ପଞ୍ଚାୟତର ଜଗତି ଗ୍ରାମରେ କିଛିଦିନ ଅନ୍ତରରେ ପୁଣି ଚୋରି ହୋଇଛି। ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ପ୍ରସନ୍ନ ସ୍ୱାଇଁଙ୍କ ଘର ଗ୍ରୀଲ ତାଡ଼ି ଦୁର୍ବୃତ୍ତମାନେ ୩୦ ହଜାର ଟଙ୍କା, ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଚୋରି କରିନେଇଛନ୍ତି। ପ୍ରସନ୍ନ ନିଜ ସମ୍ପର୍କୀୟଙ୍କ ଘରକୁ ଯାଇଥିବାବେଳେ ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଇ ଚୋରି କରିଛନ୍ତି। ଏ ସମ୍ପର୍କରେ ସେ ପାରାଦୀପ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସନ୍ଧାନୀ କୁକୁର ଯୋଗେ ଘଟଣାସ୍ଥଳରେ ତଦନ୍ତ କରିଛି। ତେବେ ଦୁର୍ବୃତ୍ତଙ୍କ ପତ୍ତା ମିଳିନାହିଁ।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ

## ସଂକ୍ଷେପରେ

### ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଦାରିଙ୍ଗବାଡ଼ି,୨୦।୧୦(ଡି.ଏନ୍.ଏ.)-** ଦାରିଙ୍ଗବାଡ଼ିର ରାପଡ଼ାବାଡ଼ି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସିଆର୍‌ସିସି ଶ୍ୟାମସୁନ୍ଦର ଦିଗାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ସୁବେନ୍ତୀ ପ୍ରଧାନ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାରାବତୀ ପ୍ରଧାନ, ସାହିତ୍ୟ ଏକାଡେମୀର ସଦସ୍ୟ ତଥା ଶିକ୍ଷକ ବିଦେଶୀ ନାୟକ, ହିମଗିରି କଳାପରିଷଦ ସଭାପତି ପତିତପାବନ ରାଉତ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବଟକୃଷ୍ଣ ତ୍ରିପାଠୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଶିବ ସେଠୀ ପ୍ରମୁଖ ଯୋଗଦେଇଥିଲେ। ସଙ୍ଗୀତ, କୁଇଜ, ଚିତ୍ରାଙ୍କନ, ବକ୍ତୃତା ଆଦି ୧୭ଟି ବିଷୟରେ ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ସିଆରସିସି ଶ୍ୟାମସୁନ୍ଦର ଦିଗାଳ କହିଛନ୍ତି। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତି ଥିଲେ।

### ଆଦ୍ୟ ଶୈଶବ ଯତ୍ନ, ଶିକ୍ଷା ଦିବସ

**ଫୁଲବାଣୀ ଅଫିସ,୨୦।୧୦-ଫିରିଙ୍ଗିଆ** ବ୍ଲକ୍ ତଳଦଣ୍ଡିକିଆ ପଞ୍ଚାୟତ ବୁକୁଡେଇ ଗ୍ରାମରେ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ସେଭ୍ ଦି ଚିଲ୍‌ଡ୍ରେନ୍ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମଞ୍ଜୁଳା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦ୍ୟ ଶୈଶବ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଶିକ୍ଷାର ବିକାଶରେ ଜେଜେ ବାପା, ଜେଜେ ମାଆ ଓ ଅଙ୍ଗନୱାଡ଼ି କର୍ମୀଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ନୂଆପଦର ଓ କେଳାପଡ଼ା ସେକ୍ଟର ସୁପରଭାଇଜର ସବିତା ଜେନା, ବନ୍ଧଗଡ଼ ସେକ୍ଟରର ସୁପରଭାଇଜର ସଜିତା ସାହୁ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ସ୍ୱାତୀ ଅନୁଷ୍ଠାନର ସମ୍ପାଦକ ଇଂ. ହରିଶଙ୍କର ରାଉତ ଭାଷା, ଗଣିତ କିପରି ପିଲାମାନଙ୍କୁ ଅଭିଭାବକମାନେ ଘରେ ଶିଖାଇବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ପ୍ରଧାନଙ୍କ ଦ୍ୱାରା ଆଦ୍ୟ ଶିକ୍ଷଣୀୟ ଉପକରଣ ଉନ୍ମୋଚନ କରାଯାଇଥିଲା।

### ଚକ୍ଷୁ ଚିକିତ୍ସା ଶିବିର

**ଜି.ଉଦୟଗିରି,୨୦।୧୦(ଡି.ଏନ.ଏ.)-** ଜି.ଉଦୟଗିରି ଟାଉନ ହଲରେ ଶନିବାର ସ୍ଥାନୀୟ ବ୍ରାହ୍ମଣ ସମିତି ଦ୍ୱାରା ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସମିତି ସଭାପତି ବିନୋଦ ବିହାରୀ ଦାଶ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ବଟକୃଷ୍ଣ ଦାଶ ବ୍ରାହ୍ମଣ ସମାଜର ବିଭିନ୍ନ ସମାଜ ମଙ୍ଗଳ ଯୋଜନା ସମ୍ପର୍କରେ କହିଥିଲେ। ଶିବିରରେ ୧୫୦ ଜଣ ରୋଗୀ ନିଜ ନାମ ପଞ୍ଜୀକୃତ କରାଯାଇଥିଲା। ଶଙ୍କର ନେତ୍ରାଳୟ ତରଫରୁ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରି ୫୦ ଜଣଙ୍କୁ ପରଳ ଚିକିତ୍ସା କରିବା ପାଇଁ ଚୟନ କରାଯାଇଛି। ଶଙ୍କର ନେତ୍ରାଳୟର କ୍ୟାମ୍ପ ମ୍ୟାନେଜର ନଳିନୀକାନ୍ତ ରାଉତଙ୍କ ତତ୍ତ୍ୱାବଧାନରେ ଏକ ଦଳ ଚକ୍ଷୁ ପରୀକ୍ଷା କରିଥିଲେ। ବ୍ରାହ୍ମଣ ସମାଜର ସହ ସମ୍ପାଦକ ଅଶୋକ କୁମାର ଆଚାର୍ଯ୍ୟ, କୋଷାଧକ୍ଷ ବିଜୟ କୁମାର ମହାପାତ୍ର, ବରିଷ୍ଠ ସଦସ୍ୟ ରାଜେନ୍ଦ୍ର ମହାପାତ୍ର, ଲକ୍ଷ୍ମଣ ଆଚାର୍ଯ୍ୟ, ଦଣ୍ଡପାଣି ପାଢ଼ୀ ଓ ପର୍ଶୁରାମ ବାହିନୀ, ସଭାପତି ସଞ୍ଜୟ କୁମାର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଜୁ ଯୁବ ବାହିନୀର ରକ୍ଷକ କାର୍ଯ୍ୟକ୍ରମ

**ଫିରିଙ୍ଗିଆ/କେଳାପଡା,୨୦।୧୦- ଫିରିଙ୍ଗିଆ** ବ୍ଲକ କେଳାପଡା ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ରକ୍ଷକ ସଡକ ସୁରକ୍ଷା ନିୟମ ସଂକ୍ରାନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସମିତି ସଭ୍ୟ ପୁଷ୍ପାଞ୍ଜଳି ସାହୁ ଯୋଗ ଦେଇଥିଲେ। ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ସୁଶାନ୍ତ କୁମାର ନାୟକ, ସଭାପତି ଅଶ୍ୱଜିତ୍ ନାୟକ, ସମ୍ପାଦକ ନିଖିଳ ବେହେରା, କୋଷାଧକ୍ଷ ଭ୍ରମରବର ନାୟକ ପ୍ରମୁଖ ଗେରୁପଡାଠାରୁ କେଳାପଡା ପଞ୍ଚାୟତକୁ ଯାଇଥିବା ସଡକ ଉପରେ ଉପସ୍ଥିତ ରହି ବାଇକ୍ ଆରୋହୀ, ଗାଡି ଚାଳକ, ସାଧାରଣ ଲୋକମାନଙ୍କୁ ସଡକ ସୁରକ୍ଷା ଉପରେ ସଚେତନ କରିଥିଲେ। ଏଥିସହ ଗାଡି ନେଇ ରାସ୍ତାକୁ ଆସିଲେ ଆବଶ୍ୟକ କାଗଜପତ୍ର ସାଙ୍ଗରେ ଧରି ହେଲମେଟ ପିନ୍ଧିବାକୁ ଯେପରି ନ ଭୁଲନ୍ତି ସେ ଉପରେ ଅଧିକ ଦୃଷ୍ଟି ଦେବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଶୈଳେନ୍ଦ୍ର ସାହୁ, ଅଚ୍ୟୁତ ଦିଗାଲ, କାରଣ ସାହୁ, ଅଜୟ ସାହୁ, ଯୁନେଶ ନାୟକ, ପ୍ରମୋଦ ନାୟକ ଓ ଅରୂପାନନ୍ଦ ମାଝି ପ୍ରମୁଖ ସାମିଲ ଥିଲେ।

# ଭଙ୍ଗାଗଲା ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ

**ପୁରୀ ଅଫିସ, ୨୦।୧୦**


ମାର୍କେଟ୍ କମ୍ପ୍ଲେକ୍ସ ଭଙ୍ଗାଯାଉଛି।

- ତିଆରି ହେବ ବହୁତଳ ମାର୍କେଟ କମ୍ପ୍ଲେକ୍ସ
- ଖର୍ଚ୍ଚ ହେବ ୩୬ କୋଟି ୩୩ଲକ୍ଷ ଟଙ୍କା
- ୨ ବର୍ଷରେ କାମ ଶେଷ କରିବାକୁ ଲକ୍ଷ୍ୟ

କିଛିଦିନର ନୀରବତା ପରେ ପୁରୀରେ ପୁଣି ଅସୁରକ୍ଷିତ କୋଠା ଉଚ୍ଛେଦ କରାଯାଇଛି। ରବିବାର ମାର୍କେଟ ଛକସ୍ଥିତ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି। ଏଠାରେ ନୂତନ ଭାବେ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସକାଳେ ପ୍ରଶାସନ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ ଭଙ୍ଗା ଆରମ୍ଭ ହୋଇଥିଲା। ୨ପ୍ଲାଟୁନ ପୋଲିସ ଫୋର୍ସ ଏବଂ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦୋକାନ ଘରଗୁଡ଼ିକୁ ଭଙ୍ଗା ଯାଇଥିଲା। ଅପରାହ୍ନ ସୁଦ୍ଧା ଏହି ମାର୍କେଟ କମ୍ପ୍ଲେକ୍ସରେ ଥିବା ପ୍ରାୟ ୧୫୮ଟି ଦୋକାନ ଘର ଏବଂ ୯ଟି କୋଠାର ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଥିଲା।

୧୯୭୩ ମସିହାରେ ଏହି ମାର୍କେଟ କମ୍ପ୍ଲେକ୍ସ ତିଆରି ହୋଇଥିଲା। ଇତିମଧ୍ୟରେ ୪୫ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିବାରୁ ଅସୁରକ୍ଷିତ ହୋଇପଡିଥିଲା ଏହି ମାର୍କେଟ କମ୍ପ୍ଲେକ୍ସ। ତେଣୁ ଏହାକୁ ଉଚ୍ଛେଦ କରିବା ଲାଗି ପୌରସଂସ୍ଥା ନିଷ୍ପତ୍ତି ନେଇଥିଲା। ଗତ ମାସରେ ପୌରସଂସ୍ଥା ପକ୍ଷରୁ ଅକ୍ଟୋବର ୧୦ ସୁଦ୍ଧା ଦୋକାନ ଘର ଖାଲି କରିବାକୁ ନୋଟିସ କରିଥିଲା। ଏହି ନୋଟିସ ପାଇବା ପରେ ବ୍ୟବସାୟୀମାନେ ସେମାନଙ୍କ ଦୋକାନ ଘର ଖାଲି କରିବା ସହ ଝରକା, କବାଟ, ଶଟର, ଆଜବେଷ୍ଟସ ଆଦି ଖୋଲି ନେଇଥିଲେ। ରବିବାର ଏହି ମାର୍କେଟ କମ୍ପ୍ଲେକ୍ସକୁ ଭାଙ୍ଗି ଦିଆଯାଇଛି । ୮ଟି ଜେସିବି ଏବଂ ଗୋଟିଏ ଚେନ୍ ମାଉଣ୍ଟେନର ଜେସିବି ଏହି ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ଥିଲେ। ଉପଜିଲାପାଳ ଭବତାରଣ ସାହୁ, ପୌରସଂସ୍ଥା କାଯର୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶଙ୍କ ସମେତ ତହସିଲଦାର, ଅତିରିକ୍ତ ତହସିଲଦାର, ପୌରସଂସ୍ଥାର ଅଧିକାରୀ ଏବଂ ବୈଷୟିକ ଟିମ୍ ଏହି ଉଚ୍ଛେଦ ସମୟରେ ଉପସ୍ଥିତ ଥିଲେ। ପ୍ରାୟ ୧ଏକର ୭୨ ଡେସିମିଲ ପରିମିତି ଏହି ସ୍ଥାନରେ ତିଆରି କରାଯିବ ବହୁତଳ ମାର୍କେଟ କମ୍ପ୍ଲେକ୍ସ। ଗ୍ରାଉଣ୍ଡ ଫ୍ଲୋର ସହିତ ୩ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବ। ଓଡ଼ିଶା ବ୍ରିଜ୍ କନ୍‌ଷ୍ଟ୍ରକସନ୍ କର୍ପୋରେଶନ (ଓବିସିସି) ଏଥିଲାଗି ସ୍ୱତନ୍ତ୍ର ଆକ୍ସନ ପ୍ଲାନ ପ୍ରସ୍ତୁତ କରିଛି। ପ୍ରାୟ ୩୬ କୋଟି ୩୩ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଏଠାରେ ୪୭୫ଟି ଦୋକାନ ଘର ନିର୍ମାଣ ହେବ। ଏହି କାମ ୨ ବର୍ଷ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ତେବେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ଦୁଇବର୍ଷ ଲାଗିବାକୁ ଥିବା ବେଳେ ପରିବାର ପ୍ରତିପୋଷଣ ଲାଗି ଆର୍ଥିକ ସହାୟତା ଦାବି କରିଛି ବ୍ୟବସାୟୀ ସଂଘ। ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ସଂଘ ସମ୍ପାଦକ କହିଛନ୍ତି, ନୂତନ ମାର୍କେଟ କମ୍ପ୍ଲେକ୍ସକୁ ପ୍ରାୟ ୨ ବର୍ଷ ଲାଗିଯିବ। ଏହି ଦୁଇବର୍ଷ ଆମେ କରିବୁ କ'ଣ ? ପରିବାର ଚଳାଇବା ଲାଗି ସରକାର ଆମକୁ ଆର୍ଥିକ ସାହାଯ୍ୟ ଦିଅନ୍ତୁ। ଏ ସମ୍ପର୍କରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ କହିଛନ୍ତି, ନୂତନ ମାର୍କେଟ କମ୍ପ୍ଲେକ୍ସ ତିଆରି ପାଇଁ ୨ ବର୍ଷ ସମୟ ରଖାଯାଇଛି। ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ସରିଲେ ଯେଉଁମାନେ ଏଠାରେ ବ୍ୟବସାୟ କରୁଥିଲେ ସେମାନଙ୍କୁ ପ୍ରଥମ ଦୋକାନ ଘର ଯୋଗାଇ ଦିଆଯିବ। ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କୁ ପ୍ରଦାନ କରାଯିବ। ତେବେ ଭଙ୍ଗା ଅଂଶକୁ ଦିନେ ଦୁଇଦିନ ମଧ୍ୟରେ ସଫା କରାଯିବ। ଏହାପରେ ମୋଚିସାହି ଛକସ୍ଥିତ ମହୋଦଧି ମାର୍କେଟ କମ୍ପ୍ଲେକ୍ସ ଭଙ୍ଗାଯିବ।

## କ୍ଲବ ସଦସ୍ୟଙ୍କ ପର୍ଯ୍ୟଟନ କ୍ଷେତ୍ର ସଫେଇ

**ଖଣ୍ଡପଡ଼ା,୨୦।୧୦(ସ୍ୱ.ପ୍ର.)**

କଟକ ଓ ନୟାଗଡ଼ ଜିଲା ସୀମାନ୍ତରେ ଅବସ୍ଥିତ ସିଧାମୂଳାସ୍ଥ ଗୋକୁଳାନନ୍ଦ ଜୀଉ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ବିଭିନ୍ନ ଯାନବାହନରେ ଆସି ଭୋଜିଭାତ କରିଥାନ୍ତି । ମାତ୍ର ସେମାନଙ୍କ ଦ୍ୱାରା ଏଣେତେଣେ ଫିଙ୍ଗା ଫୋପଡା ହେଉଥିବା ଅଇଁଠା ଖଲିପତ୍ର ତଥା ବର୍ଜ୍ୟବସ୍ତୁ ପରିବେଶକୁ ପ୍ରଦୂଷିତ କରିଥାଏ। ଏହାକୁ ନଜରରେ ରଖି ସ୍ଥାନୀୟ ମହାଳିକ ସାହିସ୍ଥ ଭିଆଇପି ଜୋନ କ୍ଲବର ସଦସ୍ୟମାନେ ଗୋକୁଳାନନ୍ଦ ଜୀଉ ମନ୍ଦିର ପରିଚାଳକ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡଙ୍ଗୀଙ୍କ ପରାମର୍ଶକ୍ରମେ ରବିବାର ପର୍ଯ୍ୟଟନ ପୀଠରେ ପଡିଥିବା କୁଢ କୁଢ ବର୍ଜ୍ୟବସ୍ତୁ ସଫା କରିଥିଲେ। କ୍ଲବର ସଭାପତି ଅଖିଳ ମହାଳିକ ଓ ସମ୍ପାଦକ ମଧୁସୂଦନ ରାଉତଙ୍କ ସମେତ ଅନ୍ୟ ସଦସ୍ୟମାନେ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


କ୍ଲବ୍ ସଦସ୍ୟମାନେ ସଫେଇ କରୁଛନ୍ତି।

## ଉଦୟପୁର ପଞ୍ଚାୟତରେ ସ୍ୱାସ୍ଥ୍ୟ ସେବା ଶିବିର

**ନୂଆଗାଁ,୨୦।୧୦ (ଡି.ଏନ.ଏ.)**


ଡାକ୍ତରମାନେ ରୋଗୀ ଦେଖୁଛନ୍ତି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତ ଉଦୟପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ରବିବାର ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଓ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ମିଳିତ ଉଦ୍ୟମରେ ଏହା ଆୟୋଜିତ ହୋଇଥିଲା। ଭୁବନେଶ୍ୱର କିମ୍ସରୁ ଆସିଥିବା ବରିଷ୍ଠ ଡାକ୍ତର ମୋହିନୀ ସିହ୍ନା ଓ ରୋଶନୀ ସାହୁଙ୍କ ଦ୍ୱାରା ୩୨୦ଜଣ ରୋଗୀଙ୍କ ରୋଗ ନିରୂପଣ କରାଯାଇ ମାଗଣା ଔଷଧ ଦିଆଯାଇଥିଲା। ଏମ୍‌ପିଙ୍କ ପ୍ରତିନିଧି ବିଜୟ କୁମାର ସାସମଲ, ନୂଆଗାଁ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ, ଉଦୟପୁର ସରପଞ୍ଚ ଅସିତ କୁମାର ପଟ୍ଟନାୟକ, ଉଦୟପୁର ସମିତି ସଭ୍ୟ ଜିତେନ୍ଦ୍ର କୁମାର ବରାଡଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

## ପିଲର୍‌ରେ ପିଟିହେଲା କାର୍, ମାଲିକ ମୃତ

**ଶଙ୍କରାଖୋଲ, ୨୦।୧୦ (ଡି.ଏନ୍.ଏ.)**

ଟିକାବାଲି ଥାନା ଆରାବାକା ପଞ୍ଚାୟତର କାବାଲାଗାଁ ନିକଟରେ ରବିବାର ଅପରାହ୍ନରେ ଏକ ପିଲରରେ କାର୍‌ଟି ପିଟିହେବାରୁ ଗାଡ଼ି ମାଲିକଙ୍କର ମୃତ୍ୟୁ ଘଟିଥିବା ବେଳେ ଚାଳକ ଗୁରୁତର ହୋଇଛନ୍ତି। ମୃତ ହେଲେ ନୟାଗଡ଼ ଥାନା ଶୁକ୍ଳଗଡିଆ ଗ୍ରାମର କେ ସମ୍ବେଶ୍ୱର ରାଓ ଆଚାରୀ। ଆହତ କାର୍ ଚାଳକ ନୟାଗଡ଼ ଜିଲା ଶରଣକୁଳ ଗାଁର ବୋଲି ଜଣାପଡିଛି। କାର୍‌ଟି ବ୍ରହ୍ମପୁରରୁ ଫୁଲବାଣୀକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ପିଲରରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉଭୟ ଆହତଙ୍କୁ ପ୍ରଥମେ ଟିକାବାଲି ସ୍ୱାସ୍ଥ୍ୟକେନ୍ଦ୍ର ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ମାଲିକ ଆଚାରୀଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ନଂ. ୧୦୦/୧୯ରେ ମାମଲା ରୁଜୁ ହୋଇଥିବା ଟିକାବାଲି ଥାନାଧିକାରୀ ରେବତୀ ଶବର କହିଛନ୍ତି।

## ଆଜିଠୁ ଜାତୀୟ କୃଷି, ଲୋକମେଳା

**ପୁରୀ ଅଫିସ, ୨୦।୧୦**

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ଆନୁକୂଲ୍ୟରେ ଜାତୀୟସ୍ତରୀୟ ୧୭ତମ ଲୋକମେଳା, ହସ୍ତଶିଳ୍ପ ପ୍ରଦର୍ଶନୀ ଓ ୧୦ମ କୃଷି ପ୍ରଦର୍ଶନୀ ସୋମବାରଠାରୁ ଆରମ୍ଭ ହେବ। ଏହା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ମୁକ୍ତାକାଶ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ସମେତ ୨୧ଟି ରାଜ୍ୟର ୬୫୦ରୁ ଊର୍ଦ୍ଧ୍ୱ କଳାକାର କଳା ପ୍ରଦର୍ଶନ କରିବେ। ଏଥିସହିତ ଶରଧାବାଲିଠାରେ ଜାତୀୟସ୍ତରୀୟ କୃଷି ମେଳା ଆୟୋଜିତ ହେବ। ଏଥିରେ ଭାରତ ସରକାରଙ୍କ ଜୈବ ବିଜ୍ଞାନ ମନ୍ତ୍ରଣାଳୟ, ଜାତୀୟ ଉଦ୍ୟାନ ବୋର୍ଡ, ନାରିକେଳ ଉନ୍ନୟନ ବୋର୍ଡ, ଫିସ୍‌କୋଫେଡ୍, କ୍ରିପିକୋ, ଆୟୁଷ ମନ୍ତ୍ରଣାଳୟ, ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା ଯୋଗଦାନ କରିବେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିବିଙ୍କୁ ଶ୍ରୀକ୍ଷେତ୍ର ସମ୍ମାନ ପ୍ରଦାନ କରାଯିବ। ଆସନ୍ତା ୨୩ ତାରିଖରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନଙ୍କୁ ନେଇ ଦିଗବାରେଣିଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ସକାଳ ୮ଟାରେ ବେଳାଭୂମି ସଫେଇ ଅନୁଷ୍ଠିତ ହେବ ବୋଲି ଶ୍ରୀକ୍ଷେତ୍ର ସୂଚନାର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି।

## ରଘୁନାଥ ହସ କ୍ଲବର ଶ୍ରୀରଘୁନାଥ ମନ୍ଦିର ସଫେଇ

**ଓଡ଼ଗାଁ,୨୦।୧୦(ସ୍ୱ.ପ୍ର.)**


ସଫେଇରେ ସାମିଲ ହୋଇଥିବା କ୍ଲବ୍ ସଦସ୍ୟ।

ସ୍ଥାନୀୟ ରଘୁନାଥ ହସ କ୍ଲବର ବରିଷ୍ଠ ସଦସ୍ୟଙ୍କ ସହିତ ଅନ୍ୟମାନେ ସ୍ୱଚ୍ଛତା ଅଭିଯାନରେ ବାହାରି ରବିବାର ଶ୍ରୀରଘୁନାଥ ମନ୍ଦିର ପରିସର ସଫେଇ କରିଥିଲେ। ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ କ୍ଲବ ସଦସ୍ୟମାନେ ମନ୍ଦିର ପରିସର ସଫା କରିବା ସହ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ପଲିଥିନ ବ୍ୟବହାର ନ କରିବାକୁ ଅନୁରୋଧ କରିଥିଲେ। କ୍ଲବ ସଭାପତି ବସନ୍ତ କୁମାର ମିଶ୍ରଙ୍କ ସହିତ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର, ରଞ୍ଜନ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ଲଷ୍ଟର ସ୍ତରୀୟ ସୁରଭି ଉତ୍ସବ

**ସୋରଡ଼ା,୨୦।୧୦(ଡି.ଏନ୍.ଏ.)**

ମିଶନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସୋରଡ଼ା କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟାକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଅଭିମନ୍ୟୁ ସାହୁ, ଅଭିମନ୍ୟୁ ଭୂୟାଁ, ଶିଶିଳା ପାତ୍ର ଏବଂ ପ୍ରଧାନ ଶିକ୍ଷକ ସୁରେଶ ବଳିଆରସିଂ ଯୋଗଦେଇଥିଲେ। ସିଆର୍‌ସିସି ଗୋବିନ୍ଦ ସେଠୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ବେହେରା, କାଳୀଚରଣ ପ୍ରଧାନ, ପବିତ୍ର ମନ୍ତ୍ରୀ ସହଯୋଗ କରିଥିଲେ।

## ଫୁଲବାଣୀରେ ସଂକୀର୍ତ୍ତନ ପଦଯାତ୍ରା


ଶ୍ରଦ୍ଧାଳୁମାନେ ସଂକୀର୍ତ୍ତନ କରି ଯାଉଛନ୍ତି।

**ଫୁଲବାଣୀ ଅଫିସ, ୨୦।୧୦**

କାର୍ତ୍ତିକ ମାସ ଉପଲକ୍ଷେ ଫୁଲବାଣୀରେ ଅନ୍ତରାଷ୍ଟ୍ରୀୟ କୃଷ୍ଣ ଭାବନାମୃତ ସଂଘ ପକ୍ଷରୁ ସଂକୀର୍ତ୍ତନ ପଦଯାତ୍ରା ରବିବାର ଆରମ୍ଭ ହୋଇଛି। ସଂଘ କର୍ମକର୍ତ୍ତା, କୃଷ୍ଣ ଭକ୍ତମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ । ସନ୍ଧ୍ୟାରେ ରାମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ବହୁ ଲୋକ ଯୋଗଦେଇ ଭାଗବତ କଥା ଶୁଣିଥିଲେ। ବିଭିନ୍ନ ନଗର ଏବଂ ଗ୍ରାମରେ ହରିନାମ ପ୍ରଚାର ସଂଘର ଲକ୍ଷ୍ୟ। ଚଳିତବର୍ଷ କନ୍ଧମାଳ ଜିଲାର କେତେକଗ୍ରାମରେ ଏହିକାର୍ଯ୍ୟକ୍ରମ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ପ୍ରତ୍ୟେକ ଦିନ ବିଭିନ୍ନ ଗ୍ରାମରେ ପଦଯାତ୍ରା ସହ ଭଜନ, କୀର୍ତ୍ତନ ଏବଂ ପ୍ରବଚନ କାର୍ଯ୍ୟକ୍ରମ ହେବ ବୋଲି ଇନ୍ଦ୍ର ନୀଳମାଧବ ଦାସ ସୂଚନା ଦେଇଛନ୍ତି। ଶ୍ରୀପାଦ ଶ୍ୟାମାନନ୍ଦ ଦାସ, ଶ୍ରୀପାଦ ଚକ୍ରଧର ଦାସ, ଶ୍ରୀପାଦ ଅବଧୂତ ନିତ୍ୟାନନ୍ଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଛି।

## ବାଣିଜ୍ୟ ବିଭାଗ ପାଠଚକ୍ର

**ବାଲିଗୁଡ଼ା,୨୦।୧୦(ଡି.ଏନ୍.ଏ.)**

ବାଲିଗୁଡ଼ା ଆଦିବାସୀ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ସି ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବାଣିଜ୍ୟ ବିଭାଗ ଅବସରପ୍ରାପ୍ତ ଅଧାପକ ସୁରେଶ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ଅଧାପକ ଲଲାଟେନ୍ଦୁ ଦଳପତି, ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ଡ. ବିଭୂତି ଭୂଷଣ ଆଚାର୍ଯ୍ୟ, ହିମାଂଶୁ ଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏଥିରେ ବିଭାଗୀୟ ମୁଖ୍ୟ ଅଧାପକ ସରୋଜ କୁମାର ପାଠୀ ସ୍ୱାଗତ ଭାଷଣ ପ୍ରଦାନ କରି ଅତିଥି ମାନଙ୍କର ପରିଚୟ ଦେଇଥିଲେ। ପାଠଚକ୍ର ସମ୍ପାଦକ ଛାତ୍ର ସୌମ୍ୟ ରଞ୍ଜନ ଚୌଧୁରୀ 'ବୀମା' ଲିଖିତ ସନ୍ଦର୍ଭ ପାଠ କରିଥିଲେ।

## ଭାଜପା ପକ୍ଷରୁ ଗାନ୍ଧୀ ସଙ୍କଳ୍ପ ପଦଯାତ୍ରା

**ଫିରିଙ୍ଗିଆ, ୨୦।୧୦**

ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଭାଜପା ପକ୍ଷରୁ ଫିରିଙ୍ଗିଆ ସହରରେ ଗାନ୍ଧୀ ସଙ୍କଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ଯୁବନେତା ବିଶ୍ୱରଞ୍ଜନ କହଁରଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ମାଶ୍ରିପଡାଠାରୁ ବାହାରି ଇନ୍ଦିରା ଗାନ୍ଧୀ ଛକଯାଏ ଯାଇଥିଲେ। ଏଥିରେ ପୂର୍ବତନ ଏମ୍‌ପି ଐର ଖାରବେଳ ସ୍ୱାଇଁ, ଜିଲା ଭାଜପା ସଭାପତି ଲିଙ୍ଗରାଜ ଦଳବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କାମ୍ପ, ଯୁବ ନେତା ଭୋବେ କହଁରଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। ଇନ୍ଦିରା ଗାନ୍ଧୀ ଛକଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ନେତାମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ଅବଗତ କରାଇବା ସହ ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶ, ସ୍ୱଚ୍ଛତା ବିଷୟରେ ବକ୍ତବ୍ୟ ରଖିଥିଲେ।


ପଦଯାତ୍ରାରେ ସାମିଲ ହୋଇଥିବା ନେତା ଓ କର୍ମୀମାନେ।

# ଶହୀଦଙ୍କ ଉଦ୍ଦେଶ୍ୟରେ ଗଣଦୌଡ଼

**ଫୁଲବାଣୀ ଅଫିସ, ୨୦।୧୦**



ଗଣଦୌଡ଼ରେ ଉପସ୍ଥିତ ଯୁବତୀ, ଯୁବକ।

ଶହୀଦଙ୍କ ସ୍ମୃତି ତାଜା ରଖିବା ଲାଗି କନ୍ଧମାଳ ପୋଲିସ ପକ୍ଷରୁ ଶନିବାର ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପାଖ ପୌର ପରିଷଦ ଗେଟ ପାଖରୁ ଏହି ଦୌଡ ଆରମ୍ଭ ହୋଇଥିଲା। ଏସ୍‌ପି ପ୍ରତୀକ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଗଣଦୌଡ ସହର ବସ୍‌ଷ୍ଟାଣ୍ଡ, ଜଗନ୍ନାଥ ମନ୍ଦିର, କୋର୍ଟଛକ ଦେଇ କରୋନେଶନ ପଡିଆରେ ପହଞ୍ଚିଥିଲା। ସେଠାରେ ଏସ୍‌ପି ଉପସ୍ଥିତ ରହି ଦୌଡରେ ସାମିଲ ଥିବା କେତେକ ଯୁବତୀ ଯୁବକଙ୍କୁ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଦର ଟାଉନ ଥାନାଧିକାରୀ ନରେଶ କୁମାର ସାହୁ, ରିଜର୍ଭ ଇନ୍ସପେକ୍ଟର ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଗଣଦୌଡରେ ସ୍ଥାନୀୟ ଜନସାଧାରଣ, ଯୁବତୀ ଯୁବକ ଏବଂ ଖବରଦାତାମାନେ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, କନ୍ଧମାଳ ଜିଲାରେ ୨୦୧୨ ଜାନୁୟାରୀ ୫ରେ କୋଟଗଡ ବ୍ଲକ ଶ୍ରୀରାମପୁରରେ ମାଓବାଦୀମାନେ ଲ୍ୟାଣ୍ଡଲାଇନ ବିସ୍ଫୋରଣ ଘଟାଇଥିଲେ। ଏଥିରେ ସୁନାଶିର ମହାନ୍ତି, ଉମାକାନ୍ତ ଜାନୀ, ସଂଗ୍ରାମ କୁମାର ଲେଙ୍କାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଅନ୍ୟ ଏକ ଘଟଣାରେ ନାରେଙ୍ଗା ମଲ୍ଲିକ ଶହୀଦ ହୋଇଥିଲେ।



ଏକାଗ୍ରତା ସହ କୌଣସି କାର୍ଯ୍ୟ କରିଗଲେ ବିଫଳତାରୁ ମଧ ସଫଳତା ପ୍ରାପ୍ତ ହୋଇଥାଏ।
- ମହାତ୍ମା ଗାନ୍ଧୀ



# ସହରକୁ ଜଳଯୋଗାଣ ବନ୍ଦ

ନୟାଗଡ଼ ଅଫିସ,୨୦।୧୦

ନୟାଗଡ଼ ସହରକୁ ଦୈନିକ ଆବଶ୍ୟକ ଅନୁଯାୟୀ ଜଳ ଯୋଗାଣ ହେଉ ନ ଥିବାବେଳେ ଏବେ ୩ଦିନ ହେଲା ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଫଳରେ ସହରବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ବଦଳରେ ଜନସ୍ୱାସ୍ଥ୍ୟ ବିଭାଗ ବେଫିକର ଥିବା ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ନୟାଗଡ଼ ସହରର ୧୩ ୱାର୍ଡ଼ର ଲୋକମାନଙ୍କ ପାଇଁ ପ୍ରତିଦିନ ୩.୦୧ ନିୟୁତ ଲିଟର ଜଳ ଆବଶ୍ୟକ। ଏପରିସ୍ଥଳେ ପାଇପ୍ ଯୋଗେ ୨.୭୦ ନିୟୁତ ଲିଟର ଜଳ ଯୋଗାଣ କରାଯାଉଛି। ପୁଣି ଦିନକୁ ୪ ଘଣ୍ଟା ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା ଥିବାବେଳେ ବାସ୍ତବରେ କିନ୍ତୁ ୨ ଘଣ୍ଟା ପରେ ବନ୍ଦ କରି ଦିଆଯାଉଛି। ସେହିଭଳି ଅଧିକାଂଶ ଦିନ କାଦୁଅ ଓ ପଙ୍କ ମିଶା ପାଣି ଯୋଗାଣ ହେଉଛି। ଏହାକୁ ଲୋକେ ପିଇବା ଦୂରର କଥା ଅନ୍ୟାନ୍ୟ କାର୍ଯ୍ୟରେ ମଧ ବ୍ୟବହାର କରିପାରୁ ନାହାନ୍ତି। ଚର୍ମ ରୋଗ ହେବା ଆଶଙ୍କା କରି ଏହାକୁ କେହି ବ୍ୟବହାର କରୁ ନ ଥିବା ୱାର୍ଡବାସୀ ପ୍ରକାଶ କରିଛନ୍ତି। ଏପରି ଅବସ୍ଥାରେ ଗତ ଶୁକ୍ରବାରଠାରୁ ସହରକୁ ଜଳଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଏଥିଯୋଗୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବିଭାଗୀୟ ଅଧିକାରୀଙ୍କ ଅବହେଳା ହେତୁ ଏଭଳି ହେଉଥିବା ଜଣାପଡ଼ିଛି। ପ୍ରକାଶ ଯେ, ମହାନଦୀର କଣ୍ଟିଲୋଠାରେ ନିର୍ମିତ ପ୍ରକଳ୍ପରୁ ଜଳ ସିଧାସଳଖ ଭାବେ ଲୋକଙ୍କୁ ଯୋଗାଇ ଦିଆଯାଉଛି। ନିୟମ ଅନୁଯାୟୀ ନଦୀ ପାଣିକୁ ପ୍ରଥମେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ବିଶୋଧନ କରାଯାଇଥାଏ। ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ରହିବା ପରେ ପାଣିରେ ଫିଟିକିରି, ଚୂର୍ଣ୍ଣ ଓ କ୍ଲୋରିନ ପକାଇ ବିଶୁଦ୍ଧ କରି ସହରବାସୀଙ୍କୁ ଯୋଗାଇବା କଥା। ମାତ୍ର କିଛିଦିନ ହେଲା ବିଶୁଦ୍ଧୀକରଣ ନ କରାଯାଇ ସିଧାସଳଖ ମହାନଦୀ ପାଣି ସହରବାସୀଙ୍କୁ ଯୋଗାଇ ଦିଆଯାଉଥିବା ଜଣାପଡ଼ିଛି। ଅନ୍ୟପଟେ ବିଶୁଦ୍ଧୀକରଣ ପାଇଁ ପ୍ରତି ମାସରେ ଲକ୍ଷାଧିକ ଟଙ୍କା ଆସୁଥିବାବେଳେ ସେ ସବୁ ଟଙ୍କା କେଉଁଆଡ଼େ ଯାଉଛି ତାହା ତଦନ୍ତ ସାପେକ୍ଷ। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରିଶ ଚନ୍ଦ୍ର ବଳଙ୍କୁ ପଚାରିବାରୁ ସେ କହିଥିଲେ, କଣ୍ଟିଲୋସ୍ଥିତ ପ୍ରକଳ୍ପଠାରେ ଏକ ମୋଟର ଖରାପ ହୋଇଯାଇଥିବାରୁ ଏଭଳି ଅସୁବିଧା ଦେଖାଦେଇଛି। ସୋମବାରଠାରୁ ଠିକ୍ ଭାବେ ଜଳ ଯୋଗାଣ କରାଯିବ ବୋଲି ସେ ସୂଚନା ଦେଇଥିଲେ।



ସହରସ୍ଥିତ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ।

- ୩ ଦିନ ହେଲା ହଇରାଣ ହେଉଛନ୍ତି ସହରବାସୀ
- ଜନସ୍ୱାସ୍ଥ୍ୟ ବିଭାଗ ବେଫିକର

## ସଂକ୍ଷେପରେ

### ସନ୍ଦେହଜନକ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ

**ଭାପୁର,୨୦।୧୦(ଡି.ଏନ୍.ଏ.):** ଶ୍ୱଶୁର ଘରକୁ ଆସିଥିବା ଜ୍ୱାଇଁର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ରବିବାର ଭାପୁର ବ୍ଲକ ଫତେଗଡ଼ ଥାନା ବଡ଼ସହରା ପଞ୍ଚାୟତ ବାଦଭୂଇଁ ଗ୍ରାମରେ ଘଟିଛି। ନୟାଗଡ଼ ସଦର ଥାନା ଖଣ୍ଡୁଗାଁ ଗ୍ରାମର ଗୁଣନିଧି ଦାସଙ୍କ ପୁତ୍ର ଗଣେଶ ଦାସ(୩୨) ବାଦଭୂଇଁ ଗ୍ରାମରେ ବିବାହ କରିଥିଲେ। ଗଣେଶ ରବିବାର ଶ୍ୱଶୁର ଘରକୁ ଆସିଥିବାବେଳେ କୌଣସି କାରଣରୁ ଅସୁସ୍ଥ ହୋଇପଡ଼ିଥିବା କୁହାଯାଉଛି। ତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଫତେଗଡ଼ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି ବୋଲି ତଦନ୍ତ କରୁଥିବା ପୋଲିସ ଅଧିକାରୀ ରବୀନ୍ଦ୍ର ପଲାଇ ସୂଚନା ଦେଇଛନ୍ତି। ତାଙ୍କର ଏକ ୪ବର୍ଷର କନ୍ୟା ସନ୍ତାନ ରହିଛି। ପୋଲିସ ୧୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ମୋବାଇଲ ଦୋକାନରୁ ଚୋରି

**ଭାପୁର,୨୦।୧୦(ଡି.ଏନ୍.ଏ.):** ଭାପୁର ବଜାରରେ ଥିବା ଏକ ମୋବାଇଲ ଦୋକାନରୁ ଚୋରି ହୋଇଥିବା ନେଇ ପୋଲିସରେ ଅଭିଯୋଗ ହୋଇଛି। ଦୋକାନ ମାଲିକ ବିଶ୍ୱଜିତ ବାରିକଙ୍କ ଅଭିଯୋଗକ୍ରମେ ଦୁର୍ବୃତ୍ତମାନେ ପ୍ରାୟ ୨ଲକ୍ଷ ଟଙ୍କାର ମୋବାଇଲ ଫୋନ୍, ପାୱାର ବ୍ୟାଙ୍କ, ଏଲ୍‌ସିଡ଼ି ଟିଭି ଚୋରକରି ନେଇଛନ୍ତି।

### ମଦ ଜବତ, ଯୁବକ ଗିରଫ

**ରଣପୁର,୨୦।୧୦(ସ୍ୱ.ପ୍ର.):** ଚାନ୍ଦପୁର ଥାନା ଜରିପଡା ଗ୍ରାମରେ ପୋଲିସ ଶନିବାର ରାତିରେ ଚଢ଼ାଉ କରି ମଦ ବିକ୍ରି କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ବଳରାମ ସ୍ୱାଇଁ (୨୮)। ପ୍ରକାଶ ଯେ, ଜରିପଡା ଗ୍ରାମରେ ବଳରାମ ବହୁଦିନ ଧରି ଦେଶୀ ମଦ ରାନ୍ଧି ତାକୁ ପାଉଚ କରି ବିକ୍ରି କରିଆସୁଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚାନ୍ଦପୁର ଥାନା ଏଏସ୍‌ଆଇ ଲକ୍ଷ୍ମୀଧର ପ୍ରଧାନ ଓ ଷ୍ଟାଫ୍ ତାଙ୍କ ଘରେ ଚଢ଼ାଉ କରି ୫ଲିଟର ପୋଚ ସହିତ ୬୦ଟି ପାଉଚ ଦେଶୀମଦକୁ ଜବତ କରିଥଲେ। ଏ ନେଇ ଚାନ୍ଦପୁର ଥାନାରେ ଏକ ମାମଲା (ନଂ.୧୦୭/୧୯) ରୁଜୁ କରାଯାଇ ମଦ ବେପାରୀ ବଳରାମଙ୍କୁ ଗିରଫ ପରେ ରବିବାର ରଣପୁର କୋର୍ଟ ଚାଲାଣ କରାଯାଇଛି। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଣପୁର ଉପ କାରାଗାରକୁ ପଠାଇ ଦିଆଯାଇଛି।

### ୧୫ଶହ ଲିଟର ପୋଚ, ୫ଶହ କେଜି ଭାଙ୍ଗ ଜବତ

**ପୁରୀ ଅଫିସ,୨୦।୧୦:** ପୁରୀ ଅବକାରୀ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ରବିବାର ପୁରୀ, ସଦର, ନିମାପଡା ପ୍ରଭୃତି ଅଞ୍ଚଳରେ ଚଢ଼ାଉ କରିଥିଲା। ଗେଣ୍ଡାପଡା, ନୋଲିଆ ସାହି ଏବଂ ନିମାପଡା ଅଞ୍ଚଳରେ ୧୫ଶହ ଲିଟର ପୋଚ, ୨ଶହ ଲିଟର ମଦ ଏବଂ ୫ଶହ କେଜି ଭାଙ୍ଗ ଜବତ କରିଛନ୍ତି। ଏନେଇ ୩ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ମାନେ ହେଲେ ନରେନ୍ଦ୍ରକୋଣର ଦାଶରଥୀ ଭୋଇ (୪୦) ଏବଂ ବାଲି ନୋଲିଆ ସାହିର ରାମ ପ୍ରସାଦ(୫୫) ଓ ବି.କାଳିଆମ୍ମା (୬୦)।

### ସମବାୟ ସମିତି କର୍ମଚାରୀ ସଂଘ ବୈଠକ

**ପୁରୀ ଅଫିସ,୨୦।୧୦:** ପ୍ରାଥମିକ କୃଷି ସେବା ସମବାୟ ସମିତି କର୍ମଚାରୀ ସଂଘର ପରିଚାଳନା ବୈଠକ ସ୍ଥାନୀୟ ଆଖଣ୍ଡଳମଣୀ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଥିଲା। ସମିତିର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ସମିତି କର୍ମଚାରୀ କୃଷକ ମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ସହଯୋଗ କରୁଛନ୍ତି। ଅନ୍ୟପଟେ ସମିତିର ଦାବି ଉପରେ ବିଭାଗୀୟ କର୍ତ୍ତୃପକ୍ଷ ଅଣଦେଖା କରୁଛନ୍ତି। ସର୍ବନିମ୍ନ ମଜୁରୀ, ବକେୟା ଦରମା, ମାସର ୫ତାରିଖ ସୁଦ୍ଧା ଦରମା ପ୍ରଦାନ ଲାଗି ଦାବି କରିଛନ୍ତି। ଜିଲାର କେତେକ ବ୍ଲକ ସମିତିର ସମ୍ପାଦକ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁନାହାନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। କର୍ତ୍ତୃପକ୍ଷ ଉପରୋକ୍ତ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଧମକ ଦେଇଛନ୍ତି। ସଂଘ ସଭାପତି ପ୍ରତାପ ଚନ୍ଦ୍ର କୁଅଁରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲାର ସମସ୍ତ ବ୍ଲକର କମିଟି ସଭ୍ୟ ମାନେ ଯୋଗଦାନ କରିଥିଲେ।

# ଘରପୋଡ଼ି ମାମଲାରେ ଯୁବକଙ୍କୁ ୮ବର୍ଷ ଜେଲ

ନୟାଗଡ଼ ଅଫିସ,୨୦।୧୦

ନୟାଗଡ଼ ଜିଲା ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମାନସ କୁମାର ପଣ୍ଡା ଶନିବାର ଦଶପଲ୍ଲା କ୍ୟାମ୍ପ କୋର୍ଟରେ ଏକ ଘରପୋଡ଼ି ମାମଲାର ବିଚାର କରି ଜଣେ ଯୁବକଙ୍କୁ ୮ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଣି କରିଛନ୍ତି। ଏହାସହ ୨ ହଜାର ଟଙ୍କା ଜରିମାନା କରିଛନ୍ତି। ଯୁବକ ଜଣକ ହେଲେ ଦଶପଲ୍ଲା ଥାନା କରଡ଼ାପଦା ଗ୍ରାମର ଶଙ୍କର ନାୟକ। ମାମଲାର ବିବରଣୀରୁ ପ୍ରକାଶ ଯେ, ୧୧ ଫେବୃୟାରୀ ୨୦୧୮ ଅପରାହ୍ନ ୩ଟା ସମୟରେ ଶଙ୍କର ଏକ ଫାର୍ଶା ଧରି ଗ୍ରାମରେ ଆତଙ୍କ ସୃଷ୍ଟି କରିଥିଲେ। ଫାର୍ଶା ସାହାଯ୍ୟରେ ସେ କିଛି ଲୋକଙ୍କ ଘର ଆଗରେ ଥିବା ଖୁଣ୍ଟି ଓ ଘର ଉପରେ ପଡ଼ିଥିବା ଆଜେବେଷ୍ଟସ୍ ଭାଙ୍ଗି ଦେଇଥିଲେ। ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ଶଙ୍କର ସେମାନଙ୍କୁ ଧମକାଇବା ସହିତ ଫାର୍ଶାରେ ଆକ୍ରମଣ କରିଥିଲେ। ପରେ ସେ ୩ରୁ ୪ଜଣଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ଏଥିରେ ସେମାନଙ୍କ ଘର ପୋଡ଼ି ଯିବା ସହିତ ଆସବାବପତ୍ର ନଷ୍ଟ ହୋଇଯାଇଥିଲା। ଖବର ପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏ ନେଇ ଗୋପୀନାଥ ନାୟକ ଦଶପଲ୍ଲା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୫/୧୮ରେ ଏକ ମାମଲା ରୁଜୁ କରି ଶଙ୍କର ବିରୋଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ଶନିବାର ଦଶପଲ୍ଲା କ୍ୟାମ୍ପ କୋର୍ଟରେ ସାକ୍ଷୀମାନଙ୍କ ବୟାନଙ୍କୁ ଭିତ୍ତି କରି ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପଣ୍ଡା ଉପରୋକ୍ତ ଦଣ୍ଡାଦେଶ ଶୁଣାଣି କରିଥିଲେ। ସରକାରୀ ଓକିଲ ଅମିୟ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ହତ୍ୟା ଅଭିଯୁକ୍ତ ୩ ବର୍ଷ ପରେ ଗିରଫ

ନୟାଗଡ଼ ଅଫିସ,୨୦।୧୦


ଗିରଫ କିଶୋର ମାଝି।

୩ ବର୍ଷ ତଳେ ହତ୍ୟାକାଣ୍ଡ ଘଟାଇ ଫେରାର ଥିବା ଜଣେ ଯୁବକଙ୍କୁ ଟାଉନ ଥାନା ପୋଲିସ ଶନିବାର ଗିରଫ କରିଛି। ସେ ହେଲେ ଦୁର୍ଗାପ୍ରସାଦ ଗ୍ରାମର କିଶୋର ମାଝି ଓରଫ କୁମ୍ପା। ଘଟଣାରୁ ପ୍ରକାଶ ଯେ, ଘଡୁଆଳ ଗ୍ରାମର ସୁରେଶ ପଣ୍ଡା ଗ୍ରାମ ଶେଷମୁଣ୍ଡରେ ମାଙ୍କଡ଼ା ପଥର ବ୍ୟବସାୟ କରୁଥିଲେ। ସେଠାରୁ ଅଳ୍ପ ଦୂରରେ ପୂର୍ବରୁ ଉକ୍ତ ଗ୍ରାମର କୁମ୍ପା ମଧ ପଥର ବ୍ୟବସାୟ କରୁଥିଲେ। ସୁରେଶ ସେଠାରେ ପଥର ବେପାର କରିବାରୁ କୁମ୍ପାର ବ୍ୟବସାୟ ମାନ୍ଦା ପଡ଼ି ଯାଇଥିଲା। ଏହିଭଳି ସମୟରେ ତାଙ୍କସହ ମିଶି ବେପାର କରିବାକୁ କୁମ୍ପା ସୁରେଶଙ୍କୁ କହିଥିଲେ। ହେଲେ ସୁରେଶ ଏଥିରେ ରାଜିହୋଇ ନ ଥିଲେ। ଫଳରେ କୁମ୍ପା ସୁରେଶଙ୍କ ଉପରେ ରାଗ ରଖିଥିଲେ। ୪ ଡିସେମ୍ବର ୨୦୧୬ରେ ଦୁର୍ଗାପ୍ରସାଦର ଏକ ଢାବା ନିକଟରେ ଦୁଇଜଣଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। କୁମ୍ପା ସୁରେଶଙ୍କୁ ଗୋଇଠା ବିଧା ସହ ପଥର ମାଡ଼ କରିଥିଲେ। ଏଥିରେ ସୁରେଶ ଗୁରୁତର ହୋଇ ପଡ଼ିବାରୁ କୁମ୍ପା ସେଠାରୁ ପଳାଇଯାଇଥିଲେ। ପରେ ସ୍ଥାନୀୟ ଲୋକେ ସୁରେଶଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୁରେଶଙ୍କ ସ୍ତ୍ରୀ ଭାରତୀ ଏ ନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୧୦/୧୬) ରୁଜୁ କରି ତଦନ୍ତ ଚଳାଇଥିବା ବେଳେ କୁମ୍ପା ଫେରାର ହୋଇଯାଇଥିଲେ। ଶନିବାର ରାତିରେ ଦୁର୍ଗାପ୍ରସାଦସ୍ଥିତ ଏକ ଢାବାରେ କୁମ୍ପା ଖାଉଥିବାବେଳେ ଟାଉନ ପୋଲିସ ତାଙ୍କୁ ଗିରଫ କରିଥିଲା। କୁମ୍ପାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି ପ୍ରକାଶ କରିଛନ୍ତି।

■ ଭଏସ୍ ଅଫ ନୟାଗଡ଼ ସିଜନ୍-୨ ଆରମ୍ଭ

# ଭାଗ ନେଲେ ୮୫ ପ୍ରତିଯୋଗୀ



କାର୍ଯ୍ୟକ୍ରମରେ ଉପସ୍ଥିତ କ୍ଲବର କର୍ମକର୍ତ୍ତାମାନଙ୍କ ସହିତ କୃତୀ ପ୍ରତିଯୋଗୀମାନେ।

ନୟାଗଡ଼ ଅଫିସ,୨୦।୧୦

ନୟାଗଡ଼ କ୍ଲବ ଆନୁକୂଲ୍ୟରେ ରବିବାର ଭଏସ୍ ଅଫ ନୟାଗଡ଼ ସିଜନ-୨ର ପ୍ରଥମ ପର୍ଯ୍ୟାୟ ଅଡ଼ିଶନ ରୋଟାରି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଙ୍ଗୀତ ଭିତ୍ତିକ ପ୍ରତିଯୋଗିତାକୁ ଏସ୍‌ପି ଶଶିଭୂଷଣ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଜିଲାର ୮ ବ୍ଲକରୁ ୮୫ ପ୍ରତିଯୋଗୀ ଭାଗ ନେଇ ସେମାନଙ୍କ ସଙ୍ଗୀତ କଳା ପ୍ରଦର୍ଶନ କରିଥିଲେ। ପ୍ରତିଯୋଗୀମାନେ ଓଡ଼ିଶୀ, ସମ୍ବଲପୁରୀ, ଭଜନ, ଦେଶାତ୍ମବୋଧକ, ଆଧୁନିକ ସଙ୍ଗୀତ ଗାନ କରିଥିଲେ। ଏମାନଙ୍କ ମଧ୍ୟରୁ ୩୨ ଜଣ ପ୍ରତିଯୋଗୀ ଦ୍ୱିତୀୟ ପର୍ଯ୍ୟାୟ ଅଡ଼ିଶନ ପାଇଁ ମନୋନୀତ ହୋଇଛନ୍ତି। ବିଚାରକ ଭାବେ କଣ୍ଠଶିଳ୍ପୀ ସୁରଗନ୍ଧର୍ବ ନବକିଶୋର ମିଶ୍ର, ଜଗଦୀଶ ରଥ ଓ ପ୍ରଭାତ କୁମାର ଦାଶ ଯୋଗ ଦେଇଥିଲେ। ଆସନ୍ତା ନଭେମ୍ବର ୧୦ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଅଡ଼ିଶନ ରୋଟାରି ଭବନଠାରେ ଅନୁଷ୍ଠିତ ହେବ ବୋଲି ନୟାଗଡ଼ କ୍ଲବ ସାଙ୍ଗଠନିକ କମିଟି ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। କ୍ଲବର ଉପସଭାପତି ଅରୁଣ କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ହିମାଂଶୁ ପଟ୍ଟନାୟକ, ଉପଦେଷ୍ଟା ସୁବୋଧ କୁମାର ପଟ୍ଟନାୟକ, ଆରିଫ ଖାନ୍, ପ୍ରବୀର କୁମାର ପୃଷ୍ଟି, ସନ୍ତୋଷ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୋଷାଧ୍ୟକ୍ଷ ଶ୍ରୀଧର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ବସନ୍ତିଆ ଧନ୍ୟବାଦ ଦେଇଥିଲେ।

# ଆକ୍ରମଣ ମାମଲାରେ, ଅଭିଯୁକ୍ତଙ୍କୁ ଅର୍ଥ ଦଣ୍ଡ

ପୁରୀ ଅଫିସ, ୨୦।୧୦

ଏକ ଆକ୍ରମଣ ମାମଲାର ବିଚାର କରି ଏସଡିଜେଏମ ଆଇପିସି ଦଫା ୩୨୩ ଓ ୩୪ରେ ୩ଅଭିଯୁକ୍ତଙ୍କୁ ୫ଶହ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଉକ୍ତ ଟଙ୍କା ଅନାଦେୟ ଏକ ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ପ୍ରକାଶ କରିଛନ୍ତି। ସେମାନେ ହେଲେ ବ୍ରହ୍ମଗିରି ଥାନା କାଠୁଆ ଆରେଡିର ପୂର୍ଣ୍ଣଭୋଇ, ଭାଗିରଥି ଭୋଇ ଓ କୁନି ଭୋଇ। ମିଳିଥିବା ସୂଚନା ପ୍ରକାରେ ଗତ ୨୦୧୬ ଏପ୍ରିଲ ୪ତାରିଖରେ ଉପରୋକ୍ତ ମୁଦାଲାମାନେ ସେହି ଗ୍ରାମର ବୀର ଭୋଇର ପୁଅ ବିପିନଙ୍କୁ କୌଣସି କାରଣକୁ ନେଇ ଗାଳିଗୁଳଜ କରିଥିଲେ। ଏନେଇ ବୀର ସେମାନଙ୍କୁ ପଚାରିବାରେ ସେମାନେ ଉତ୍ୟକ୍ତ ହୋଇ ଏକ କଟୁରୀରେ ଆକ୍ରମଣ କରିଥିଲେ। ଏନେଇ ବୀରଙ୍କ ସ୍ତ୍ରୀଙ୍କ ଅଭିଯୋଗ କ୍ରମେ ବ୍ରହ୍ମଗିରି ଥାନାରେ ୫୭/୧୬ରେ ମାମଲା ରୁଜୁ କରିଥିଲେ। ଏହି ମାମଲାର ବିଚାର କରି କୋର୍ଟ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଏହି ରାୟ ଶୁଣାଇଛନ୍ତି।

# ନଳାପାଣିରେ ଭାସିଲା ପ୍ରସୂତି ଓ ଶିଶୁୱାର୍ଡ

ପୁରୀ ଅଫିସ, ୨୦।୧୦

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ପ୍ରସୂତି ଓ ଶିଶୁ ଯତ୍ନ କେନ୍ଦ୍ର (ଏମ୍‌ସିଏଚ୍) ୫ ମହଲା ପ୍ରସୂତି ଓ ଶିଶୁ ୱାର୍ଡ ନଳାପାଣିରେ ଭାସୁଥିବା ଦେଖିବାକୁ ମିଳିଛି। ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ନଳାପାଣି ୱାର୍ଡରେ ପଶିଥିଲା। ଏ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଦୁଇ ଘଣ୍ଟା ଧରି ରୋଗୀମାନେ ନଳାପାଣି ଯୋଗୁ ଯାତାୟାତ କରି ନ ପାରି ଶଯ୍ୟା ଉପରେ ବସି ରହିଥିଲେ। ଏହି ସମୟରେ ଶୌଚାଳୟରେ ଆଣ୍ଠୁଏ ଉଚ୍ଚର ନଳାପାଣି ଜମି ଯାଇଥିଲା। ଶୌଚାଳୟ ବ୍ୟବହାର ଲାଗି ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଖବର ପାଇ ସାମାଜିକ ଅନୁଷ୍ଠାନ ସଖାର କର୍ମକର୍ତ୍ତା ପହଞ୍ଚି ନଳାପାଣି ନିଷ୍କାସନର ବ୍ୟବସ୍ଥା କରିଥିଲେ। ଏଥିସହିତ ୱାର୍ଡ ସଫେଇ କରିଥିଲେ। ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

# ଜିଲାସ୍ତରୀୟ ବାଳ ବିକାଶ, ଅବତାର ଦିବସ ସମାରୋହ

ଓଡ଼ଗାଁ,୨୦।୧୦(ସ୍ୱ.ପ୍ର.)

ନୟାଗଡ଼ ଜିଲା ଶ୍ରୀ ସତ୍ୟସାଇ ସେବା ସଂଗଠନ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ସାଧାରଣ ସୁବିଧା କେନ୍ଦ୍ର ପରିସରରେ ଜିଲାସ୍ତରୀୟ ବାଳ ବିକାଶ ଓ ଅବତାର ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଭୋର ସାଢେ ୪ଟାରେ ଓଁକାର ସୁପ୍ରଭାତମ୍ ଓ ନଗର ସଂକୀର୍ତ୍ତନରୁ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମ ଅପରାହ୍ନ ସାଢେ ୨ଟା ପର୍ଯ୍ୟନ୍ତ ଚାଲିଥିଲା। ସକାଳେ ଦିବ୍ୟ ପ୍ରଶାନ୍ତି ପତାକା ଉତ୍ତୋଳନ ସହିତ ଜ୍ୟୋତି ଆବାହନ, ବେଦ ପଠନ ପରେ ବାଳ ବିକାଶ ଛାତ୍ରୀଛାତ୍ର ଓ ଅଭିଭାବକ ନଗର ପରିକ୍ରମା କରିଥିଲେ। ସତ୍ୟସାଇ ବାବାଙ୍କ ଫଟୋଚିତ୍ର ସହିତ ସୁସଜ୍ଜିତ ରଥ ପରିକ୍ରମା କରୁଥିବା ବେଳେ ପିଲାମାନେ ସୀତାରାମ, ରାଧାକୃଷ୍ଣ, ହନୁମାନ, ସତ୍ୟସାଇ, ଶିରିଡି ସାଇ, ଯୀଶୁଙ୍କ ବେଶ ପରିଧାନ କରିଥିଲେ। ଶେଷରେ ସତ୍ୟସାଇ ବାବାଙ୍କ ଫଟୋ ଚିତ୍ରରେ ଜିଲା ସଭାପତି ପ୍ରତାପ ପରିଡାଙ୍କ ଦ୍ୱାରା ଆଳତି ପ୍ରଦାନ କରାଯାଇଥିଲା। ପ୍ରସନ୍ନ କୁମାର ଭଞ୍ଜ, ପ୍ରକାଶ ଆଚାରି, ଲଳିତେନ୍ଦୁ ନନ୍ଦ, ଚନ୍ଦନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ସମାରୋହରେ ବେଶଧାରୀ ଛାତ୍ରୀଛାତ୍ର।

# ଯୋଗ ସମିତି ତରଫରୁ ସଫେଇ


ମନ୍ଦିର ସଫେଇରେ ସାମିଲ ହୋଇଥିବା ସମିତି କର୍ମକର୍ତ୍ତା।

ଦଶପଲ୍ଲା,୨୦।୧୦(ଡି.ଏନ୍.ଏ.)

ଦଶପଲ୍ଲା ଯୋଗ ସମିତି ତରଫରୁ ରବିବାର ପୂର୍ବାହ୍ନରେ ଦଶପଲ୍ଲା ସହରର ଗୋପୀନାଥ ଜୀଉ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମନ୍ଦିରକୁ ପ୍ରତ୍ୟହ ଭକ୍ତମାନେ ଆସୁଥିବାବେଳେ କାର୍ତ୍ତିକ ମାସରେ ଭିଡ଼ ପରିଲକ୍ଷିତ ହେଉଛି। ମନ୍ଦିର ପରିସରରେ ବିଭିନ୍ନ ଗଛଲତା ଉଠିଥିବାବେଳେ ଏହାକୁ ପରିଷ୍କାର କରିବା ପାଇଁ ଯୋଗ ସମିତି ଅଣ୍ଟା ଭିଡ଼ିଥିଲା। ଅନୁଷ୍ଠାନର ଭଗବାନ ଦେହୁରି, ମନୋରଞ୍ଜନ ବେହେରା, ସୂର୍ଯ୍ୟମଣି ମହାପାତ୍ର, ଦିଲୀପ ନାୟକଙ୍କ ନେତୃତ୍ୱରେ ୩୫ ଜଣ ସଦସ୍ୟ ପୂର୍ବାହ୍ନରେ ମନ୍ଦିରଠାରେ ପହଞ୍ଚି ସଫେଇ କରିଥିଲେ।

# ଶାଖା ଡ଼ାକଘର ନୂତନ ଗୃହ ଉଦ୍‌ଘାଟିତ



ଡ଼ାକ ଘରର ନୂତନ ଗୃହ ଉଦ୍‌ଘାଟନ କରାଯାଉଛି।

ଖଣ୍ଡପଡ଼ା,୨୦।୧୦(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ବନମାଳୀପୁର ପଞ୍ଚାୟତର ଯଦୁନାଥପୁର ଶାସନ ଗ୍ରାମସ୍ଥିତ ଶାଖା ଡ଼ାକଘର ନୂତନ ଗୃହର ଉଦ୍‌ଘାଟନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ସାମାଜିକ ର୍କମୀ ବିରଞ୍ଚି ନାରାୟଣ ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଡ଼ାକଘରର ନୂତନ ଗୃହକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ରୂପେ ବନମାଳୀପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ଗଦାଧର ତ୍ରିପାଠୀ, ସାମାଜିକ କର୍ମୀ ଭଗବାନ ନାୟକ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଉକ୍ତ ଡ଼ାକଘରଟି ଖଣ୍ଡପଡା ଉପ ଡ଼ାକଘର ଅଧୀନରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଛି। ଏ ଅବସରରେ କଣ୍ଠଶିଳ୍ପୀ ପ୍ରାଣକୃଷ୍ଣ ମହାରଣା ଓ ସାଥୀ ଧୀରେନ୍ଦ୍ର କୁମାର ନନ୍ଦ ପ୍ରମୁଖ ଭଜନ ପରିବେଷଣ କରିଥିଲେ ।

■ ଜିଲା ଲେଖକ ପରିଷଦର ପ୍ରସ୍ତୁତି ବୈଠକ

# ଡିସେମ୍ବର ୨୨ରେ ରୌପ୍ୟ ଜୟନ୍ତୀ

ନୟାଗଡ଼ ଅଫିସ,୨୦।୧୦



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅନୁଷ୍ଠାନର କର୍ମକର୍ତ୍ତା।

ନୟାଗଡ଼ ଜିଲା ଲେଖକ ପରିଷଦର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ପାଳନ ପାଇଁ ସ୍ଥିର ହୋଇଛି। ୧୯୯୪ ମସିହାରେ ଗଠିତ ଏହି ସାହିତ୍ୟ ଅନୁଷ୍ଠାନ ଚଳିତବର୍ଷ ଉତ୍ସବ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମୈତ୍ରୀ ଯୁବସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ଡିସେମ୍ବର ୨୨ରେ ରୌପ୍ୟ ଜୟନ୍ତୀ ପାଳନ ପାଇଁ ସ୍ଥିରୀକୃତ ହୋଇଥିଲା। ଏହା ପୂର୍ବରୁ ପ୍ରତି ବ୍ଲକ ଓ ଶେଷରେ ଜିଲାସ୍ତରରେ କବିତା, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ପାଇଁ ସ୍ଥିର ହୋଇଥିଲା । ସେହିଭଳି ରୌପ୍ୟ ଜୟନ୍ତୀ ବିଶେଷାଙ୍କ ପାଇଁ ଆଗାମୀ ନଭେମ୍ବର ୧୦ ତାରିଖ ସୁଦ୍ଧା ସମ୍ପାଦକଙ୍କ ନିକଟରେ ଲେଖା ଦାଖଲ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବିଶେଷାଙ୍କରେ କିଛି ପୃଷ୍ଠା ବିଶିଷ୍ଟ ସାହିତ୍ୟିକ ତଥା ନୟାଗଡ଼ର ପୂର୍ବତନ ବିଧାୟକ ସ୍ୱର୍ଗତ ବଂଶୀଧର ସାହୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ, ବସିରିନ୍ ବିବି, ପ୍ରମୋଦ ପଟ୍ଟନାୟକ, ଲକ୍ଷ୍ମୀଧର ସାହୁ, ହରପ୍ରିୟା ଦ୍ୱିବେଦୀ, ସୌଦାମିନୀ ସ୍ୱାଇଁ, ଗୋଦାବରୀ ବସନ୍ତିଆ, ସଞ୍ଜୟ ସୁବୁଦ୍ଧି, ନିରାକାର ସ୍ୱାଇଁ, ନିର୍ମଳ ଶୂରଦେ, ବଟକୃଷ୍ଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସମ୍ପାଦକ ଶେଖ ଅବଦୁଲ ଖାଲିକ ଧନ୍ୟବାଦ ଦେଇଥିଲେ।